R.N.I. REGN. No. 65000/96 POSTAL REGN. No. OR/BN-32/12-14
ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୮୮
ତିଥି : ଦ୍ୱିତୀୟା
୧୧ ନଭେମ୍ବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA
ପ୍ରଗତି
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

11 November 2026, Wednesday

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

HI-TECH MEDICAL COLLEGE & HOSPITAL®

HI-TECH MEDICAL COLLEGE & HOSPITAL



OUR HEALTHCARE SERVICES

- Cardiology, Cardiothoracic Surgery & Vascular Surgery
- Arthroscopy, Sports Medicine & Orthopedics
- Cosmetic, Plastic & Reconstructive Surgery
- Dental Cosmetics, Implantology & Dental Surgery
- Emergency, Casualty & Trauma
- Joint Replacement
- Medical Gastroenterology and Endoscopy
- Minimal Invasive & Endoscopic Spine Surgery
- Neurosurgery & Neurology
- Obstetrics, Gynecology & High Risk Pregnancy
- Oncology, Onco Surgery & Radiation Therapy
- Ophthalmology, ENT and all Minor Specialties
- Pediatrics & Neonatology
- Surgical Gastroenterology, Advanced Laparoscopic Surgery
- Urology & Nephrology
- Pulmonology & Critical Care





OUR FACILITIES AVAILABLE

- ADVANCED CATHLAB
- 4D ECHO WITH AI
- ADVANCED MRI
- MULTISLICE CT SCAN
- DIGITAL MAMMOGRAPHY
- 3D / 4D ULTRASOUND
- COLOUR DOPPLER
- DIGITAL X-RAY
- BMD (DEXA SCAN)
- ERCP
- IMAGE GUIDED INTERVENTION

Hi-Tech Medical College & Hospital
Health Park, Pandara, Bhubaneswar-751025

Call Us: **0674-3500900**
www.hi-techhospital.in



ছোটদের পাতা

ছবি আঁকো



ছবি আঁকো

ছবি আঁকো

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୮୮
ତିଥି: ଦ୍ୱିତୀୟା
୧୧ ନଭେମ୍ବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
11 November 2026, Wednesday

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ବସନ୍ତଙ୍କ ସ୍ୱପ୍ନର କେନ୍ଦୁଗୁଡ଼ା ପ୍ରକଳ୍ପ ପାଇବ ନୂଆ ଜୀବନ

ରାୟଗଡ଼ା, ୧୦।୧୧ (ସବ୍ୟୁ): ୧୯୯୭ ମସିହାରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳ ଜଳସେଚନ ବିଭାଗର ମନ୍ତ୍ରୀ ଭାବରେ ରାୟଗଡା ଜିଲ୍ଲା କେନ୍ଦୁଗୁଡା ବ୍ୟାରେଜର ଉଦଘାଟନ କରି ଚାଷୀଙ୍କ ମୁହଁରେ ହସ

ପର୍ଯ୍ୟଟନ କ୍ଷେତ୍ରରେ ଆରମ୍ଭ କରିବ ନୂଆ ଅଧ୍ୟାୟ

ଫୁଟାଇଥିଲେ । ଜଳ ଭଣ୍ଡାରରୁ ପାଣି ଛାଡ଼ି ୩ଟି ବ୍ଲକର ମରୁଡ଼ି ପ୍ରପୀଡ଼ିତ ହଜାର ହଜାର ଏକର ଜମିରେ ସୁନାର ଫସଲ ପାଇଁ ଜଳସେଚନ ବ୍ୟବସ୍ଥା ହୋଇଥିଲା । ସେହି ଜଳ ଭଣ୍ଡାର ଗତ ୨୯ବର୍ଷ ଧରି ସେଚ ପାଇଁ ଜମିକୁ ପାଣି ଯୋଗାଇ ଆସୁଛି । ଏବେ ପୁଣି ରାଜ୍ୟର



ଅନ୍ୟ ଜଣେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି କାର୍ଯ୍ୟକୁ ଆହୁରି ବ୍ୟାପକ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଜଳସେଚନ ପ୍ରକଳ୍ପକୁ ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏକ ପର୍ଯ୍ୟଟନ ଶିଳ୍ପ ପତିଷ୍ଠା ପାଇଁ ଘୋଷଣା କରିଛନ୍ତି । ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଜଳସେଚନ ପ୍ରକଳ୍ପ ସହ ପ୍ରଭାତୀଙ୍କ ପର୍ଯ୍ୟଟନର ବିକାଶ ନେଇ ନୂଆ ଅଧ୍ୟାୟ ଆରମ୍ଭ କରିବ କେନ୍ଦୁଗୁଡା ବ୍ୟାରେଜ ।

କୃଷି ପାଇଁ ଜଳସେଚନ ଅପରିହାର୍ଯ୍ୟ । ବିନା ପାଣିରେ ଚାଷ ହୋଇପାରିବ ନାହିଁ । ପଦ୍ମପୁର , ଗୁଡାରୀ ଏବଂ ରାମନାଗୁଡା ଏହି ୩ଟି ବ୍ଲକ ରାୟଗଡା ଜିଲ୍ଲାର ଭାତ ହାଣ୍ଡି ରୂପେ ପରିଚିତ । ଏହାକୁ ଗତ ୨୯ବର୍ଷ ତଳେ ଦେଖିପାରିଥିଲେ ଦୂରଦ୍ରଷ୍ଟା ସ୍ୱର୍ଗତ ବସନ୍ତ ବିଶ୍ୱାଳ । ଆଉ ତାଙ୍କ ଶାସନ ଅମଳରେ ତାଙ୍କ କରକମଳରେ ଏହି ଭାତ ହାଣ୍ଡିକୁ ପାଣି ଯେଗାଇ ରନ୍ଧା ଯାଇଥିଲା । ଅର୍ଥାତ ଡ୍ୟାମର ଦ୍ୱାର ଖୋଲି ଜମିକୁ ପାଣି ଛଡା ଯାଇ ଶୁଭାରମ୍ଭ କରାଇଥିଲା । ଆଉ ଏବେକାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପର୍ଯ୍ୟଟନ ବିଭାଗୀ ଦାୟିତ୍ୱରେ ଅଛନ୍ତି । ଅର୍ଣ୍ଣବ ବାତ୍ୟାର ମୁକାବିଲା ଓ ପରିଚାଳନା ପାଇଁ ରାୟଗଡା ଆସି ପ୍ରାକୃତିକ ସମ୍ଭାର ଭିତରେ ମୁଣ୍ଡ ଟେକିଥିବା ଏହି ବ୍ୟାରେଜକୁ ଦେଖି ଡ୍ୟାମର ଜଳରାଶି ଉପରେ (୯ ପୃଷ୍ଠାରେ)



ମଧୁବାବୁ ପେନସନ ଯୋଜନାରେ ୫ ଲକ୍ଷ ନୂଆ ହିତାଧିକାରୀ

ଯୋଗ୍ୟ ବ୍ୟକ୍ତିଙ୍କୁ ମିଳିବ ପେନ୍‌ସନ୍ : ମୁଖ୍ୟମନ୍ତ୍ରୀ

ବାଲେଶ୍ୱର, ୧୦।୧୧ (ସବ୍ୟୁ) : ଆଜି ଓଡିଶା ପାଇଁ ଏକ ଐତିହାସିକ ଦିବସ। ଆଜି ଠାରୁ ରାଜ୍ୟର କୌଣସି ଗୁରୁଜନ, ବୟୋଜ୍ୟେଷ୍ଠ, ଦିବ୍ୟାଙ୍ଗଜନ କିମ୍ବା ଅସହାୟ ବ୍ୟକ୍ତି ଆଉ ସରକାରଙ୍କ ସହାୟତାରୁ ବଞ୍ଚିତ ହେବେ ନାହିଁ। ଆଜି ଠାରୁ ମଧୁବାବୁ ପେନସନ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଆଉ ଅପେକ୍ଷା କରିବାକୁ ପଡିବ ନାହିଁ। ଅପେକ୍ଷାର ଯୁଗ ଶେଷ



ହେଲା; ଆରମ୍ଭ ହେଲା ଆପଣମାନଙ୍କ ଅଧିକାରକୁ ସମ୍ମାନ ଦେବାର ଯୁଗ।" ଆଜି ବାଲେଶ୍ୱର ସ୍ଥିତ ରିଜର୍ଭ ପୋଲିସ ଲାଇନ ପଡ଼ିଆଠାରେ ଆୟୋଜିତ ମଧୁବାବୁ ପେନସନ ଯୋଜନାରେ ସାମାଜିକ ସୁରକ୍ଷା ଭତ୍ତା ସମ୍ପୂର୍ଣ୍ଣତାର ଶୁଭାରମ୍ଭ ତଥା ୟୁପିଏମ୍‌ପି ପୋର୍ଟାଲ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । (୯ ପୃଷ୍ଠାରେ)

ମନୀଷା ମିଶ୍ର ଚାକିରିରୁ ବରଖାସ୍ତ

ଭୁବନେଶ୍ୱର, ୧୦।୧୧ (ସବ୍ୟୁ) : ଚାକିରି ଆରମ୍ଭରୁ ଲାଞ୍ଚ ନେବା ଓଡିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀ ବାଲିଆପାଳ ସବ୍‌ରେଜିଷ୍ଟାର ମନୀଷା ମିଶ୍ରଙ୍କ ଲାଗି ମହଙ୍ଗା ପଡିଛି । ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡିବା ସହ ଗିରଫ ହୋଇ ସେ ଜେଲରେ ଅଛନ୍ତି । ଆଜି ସରକାର ତାଙ୍କୁ ଚାକିରିରୁ ବରଖାସ୍ତ କରୁଛନ୍ତି । ୨୦୨୪ ମସିହାରେ ସେ ଚାକିରୀରେ ଯୋଗ (୯ ପୃଷ୍ଠାରେ)

ବ୍ୟାଙ୍କ ଖାତା ଜରିଆରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କ ପାଇଁ ସୂଚନା (ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ)

(୧) ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା (IGNOAPS), ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା (IGNWPS), ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ଭତ୍ତା ଯୋଜନା (IGNDPS) ଗୁଡିକରେ ବ୍ୟାଙ୍କ ଖାତା ଜରିଆରେ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି ।

ଭତ୍ତାର ପ୍ରକାର	ମୋଟ ଭତ୍ତା ରାଶି	ଭାରତ ସରକାରଙ୍କ ଭାଗ	ଓଡ଼ିଶା ସରକାରଙ୍କ ଭାଗ
ବାର୍ଦ୍ଧକ୍ୟ ଭତ୍ତା (ବୟସ ୬୦ ରୁ ୭୯)	୧୦୦୦	୨୦୦	୮୦୦
ବାର୍ଦ୍ଧକ୍ୟ ଭତ୍ତା (ବୟସ ୮୦ ଓ ତଦୁର୍ଦ୍ଧ)	୩୫୦୦	୫୦୦	୩୦୦୦
ବିଧବା ଭତ୍ତା (ବୟସ ୪୦ ରୁ ୭୯)	୧୦୦୦	୩୦୦	୭୦୦
ବିଧବା ଭତ୍ତା (ବୟସ ୮୦ ଓ ତଦୁର୍ଦ୍ଧ)	୩୫୦୦	୫୦୦	୩୦୦୦
ଭିନ୍ନକ୍ଷମ ଭତ୍ତା (୮୦% ଓ ତଦୁର୍ଦ୍ଧ ଭିନ୍ନକ୍ଷମତା ଓ ବୟସ ୧୮ ରୁ ୭୯)	୩୫୦୦	୩୦୦	୩୨୦୦
ଭିନ୍ନକ୍ଷମ ଭତ୍ତା (୮୦% ଓ ତଦୁର୍ଦ୍ଧ ଭିନ୍ନକ୍ଷମତା ଓ ବୟସ ୮୦ ଓ ତଦୁର୍ଦ୍ଧ)	୩୫୦୦	୫୦୦	୩୦୦୦

(୨) ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଗତ କିଛି ମାସ ହେଲା ବ୍ୟାଙ୍କ ଖାତା ଜରିଆରେ ଠିକ ସମୟରେ ଟଙ୍କା ମିଳୁନଥିବାରୁ ବହୁତ ହଇରାଣ ହେବାକୁ ପଡ଼ିଛି । ଏଇ କଥାକୁ ନଜରରେ ରଖି ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ଏହି ନଭେମ୍ବର ମାସରୁ ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ସିଧାସଳଖ ନଗଦ (କ୍ୟାସ) ଆକାରରେ ଦିଆଯିବ । ଆଉ, ଭାରତ ସରକାରଙ୍କ ଭାଗ ଟଙ୍କା ପୂର୍ବ ଭଳି ସିଧା ବ୍ୟାଙ୍କ ଖାତାକୁ ଯିବ ।

(୩) ଅକ୍ଟୋବର ଓ ନଭେମ୍ବର - ଏହି ଦୁଇ ମାସର ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ଆସନ୍ତା ନଭେମ୍ବର ୨୫ ତାରିଖରେ ହିତାଧିକାରୀଙ୍କୁ ପଞ୍ଚାୟତ ଅଫିସ କିମ୍ବା ୱାର୍ଡ ଅଫିସରେ ନଗଦ ମିଳିବ । ଆଉ ଏହି ଦୁଇ ମାସର ଭାରତ ସରକାରଙ୍କ ଭାଗ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଯିବ ।

(୪) ଯେଉଁମାନେ ଏପ୍ରିଲରୁ ସେପ୍ଟେମ୍ବର ଭିତରେ କୌଣସି ମାସର ଭତ୍ତା ପାଇନାହାନ୍ତି, ସେମାନଙ୍କ ପୁରା ବାକିଆ ଟଙ୍କା ଖୁବ୍‌ଶୀଘ୍ର ବ୍ୟାଙ୍କ ଆକାଉଣ୍ଟରେ ଜମା କରିଦିଆଯିବ ।

(୫) ଆସନ୍ତା ଡିସେମ୍ବର ମାସରୁ ପ୍ରତି ମାସ ୧୫ ତାରିଖରେ ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ନିୟମିତ ନଗଦ (କ୍ୟାସ) ଆକାରରେ ପଞ୍ଚାୟତ ବା ୱାର୍ଡ ଅଫିସରୁ ବଣ୍ଟାଯିବ । ଭାରତ ସରକାରଙ୍କ ଭାଗ ଟଙ୍କା ପ୍ରତି ମାସରେ ସିଧା ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାରେ ଜମା ହେବ ।

(୬) ଆହୁରି ସରଳ ଭାବରେ ବୁଝିବା ପାଇଁ ନିମ୍ନରେ କେତେଗୁଡିଏ ଉଦାହରଣ ମଧ୍ୟ ଦିଆଯାଇଛି ।

ଉଦାହରଣ ୧ : ବାର୍ଦ୍ଧକ୍ୟ ଭତ୍ତା (୬୦ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୮୦୦ ଟଙ୍କା, ଭାରତ ସରକାର: ୨୦୦ ଟଙ୍କା, ମୋଟ ଭତ୍ତା: ୧୦୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୧୬୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୪୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୮୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୨୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୨ : ବାର୍ଦ୍ଧକ୍ୟ / ବିଧବା / ଭିନ୍ନକ୍ଷମ ଭତ୍ତା (୮୦ ବର୍ଷ କିମ୍ବା ତଦୁର୍ଦ୍ଧ)

- ଓଡ଼ିଶା ସରକାର: ୩୦୦୦ ଟଙ୍କା, ଭାରତ ସରକାର: ୫୦୦ ଟଙ୍କା, ମୋଟ ଭତ୍ତା: ୩୫୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୬୦୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୧୦୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୩୦୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୫୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୩ : ବିଧବା ଭତ୍ତା (୪୦ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୭୦୦ ଟଙ୍କା, ଭାରତ ସରକାର: ୩୦୦ ଟଙ୍କା, ମୋଟ ଭତ୍ତା: ୧୦୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୧୪୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୬୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୭୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୩୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

ଉଦାହରଣ ୪ : ଭିନ୍ନକ୍ଷମ ଭତ୍ତା (୧୬ ରୁ ୭୯ ବର୍ଷ)

- ଓଡ଼ିଶା ସରକାର: ୩୨୦୦ ଟଙ୍କା, ଭାରତ ସରକାର: ୩୦୦ ଟଙ୍କା, ମୋଟ ଭତ୍ତା: ୩୫୦୦ ଟଙ୍କା
- କେବେ ଓ କିପରି ପାଇବେ:
  - ଅକ୍ଟୋବର ଓ ନଭେମ୍ବର ଦୁଇ ମାସ ପାଇଁ, ନଭେମ୍ବର ୨୫ ତାରିଖରେ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ୬୪୦୦ ଟଙ୍କା ନଗଦ (Cash) ପାଇବେ ଏବଂ ୬୦୦ ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ଯିବ ।
  - ଡିସେମ୍ବର ଠାରୁ: ପ୍ରତି ମାସ ୧୫ ତାରିଖରେ ୩୨୦୦ ଟଙ୍କା ନଗଦ ନିଜ ଗ୍ରାମ ପଞ୍ଚାୟତ/ୱାର୍ଡ ଅଫିସରୁ ପାଇବେ ଏବଂ ୩୦୦ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ।

OIPR: 46001/46001/2/26-27/0011 46001/30/2627

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ଆଇସିଏମ୍‌ଏଆଇ ଭୁବନେଶ୍ୱର ଶାଖାର ନୂତନ ଅଧ୍ୟକ୍ଷ ହେଲେ ସିଏମ୍‌ଏ ସତ୍ୟ ସୁନ୍ଦର ମହାସୁଆର



ଭୁବନେଶ୍ୱର, (ସବୁ୍ୟ): ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଶାଖାର ନୂତନ ଅଧ୍ୟକ୍ଷ ଭାବେ ସିଏମ୍‌ଏ ସତ୍ୟ ସୁନ୍ଦର ମହାସୁଆର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଗତ ୯ତାରିଖରେ ଅନୁଷ୍ଠିତ ଶାଖାର ପରିଚାଳନା କମିଟିର ପଞ୍ଚମ ସ୍ୱତନ୍ତ୍ର ବୈଠକରେ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ବେଳେ ସେ ୧୦ ନଭେମ୍ବର ୨୦୨୬ରୁ ଆନୁଷ୍ଠାନିକ ଭାବେ ଅଧ୍ୟକ୍ଷ ପଦର ଦାୟିତ୍ୱ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେ ନାଲ୍‌କୋ ଲିମିଟେଡ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଫାଇନାନ୍ସ) ଭାବେ କାର୍ଯ୍ୟରତ ଅଛନ୍ତି। କର୍ପୋରେଟ୍ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ରଖିଥିବା ସିଏମ୍‌ଏ ମହାସୁଆର କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଡାଟା ଆନାଲିଟିକ୍ସ ଏବଂ ବ୍ଲକଚେନ୍ ଭଳି ଆଧୁନିକ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପ୍ରତି ବିଶେଷ ଆଗ୍ରହ ଓ ଦକ୍ଷତା ରଖିଛନ୍ତି। ତାଙ୍କ ଅଧ୍ୟକ୍ଷତା କାଳରେ ବୃତ୍ତିଗତ ବିକାଶକୁ ଅଧିକ ସୁଦୃଢ଼ କରିବା, ଆଧୁନିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ଜ୍ଞାନ ଆଦାନପ୍ରଦାନ ସହ ବୃତ୍ତିଗତ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେବେ। କର୍ପୋରେଟ୍ ଓ ବ୍ୟବସାୟିକ ଜଗତରେ ପରିବର୍ତ୍ତିତ ଆବଶ୍ୟକତା ସହ ତାଳ ଦେଇ ସିଏମ୍‌ଏ ବୃତ୍ତିଧାରୀମାନଙ୍କୁ ଅଧିକ ଦକ୍ଷ ଓ ପ୍ରସ୍ତୁତ କରିବା ଦିଗରେ ତାଙ୍କ ନେତୃତ୍ୱ ଭୁବନେଶ୍ୱର ଶାଖାର କାର୍ଯ୍ୟକଳାପକୁ ନୂତନ ଦିଗଦର୍ଶନ ଦେବ ବୋଲି ଆଶା କରାଯାଉଛି।



ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରସ୍ତୁତ 'ମଧୁବାବୁ ପେନସନ ଯୋଜନା' ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧୁବାବୁ ପେନସନ ଯୋଜନାର ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ।

ଓଡ଼ିଶା-ଜାପାନ ଷ୍ଟାର୍ଟଅପ୍ ଓ ବ୍ୟବସାୟିକ ସହଯୋଗକୁ ନୂଆ ଦିଗ

ଷ୍ଟାର୍ଟଅପର ସମୃଦ୍ଧି କ୍ଷେତ୍ରରେ ମାଇଲଖୁଣ୍ଟ : ମନ୍ତ୍ରୀ

ଭୁବନେଶ୍ୱର, (ସବୁ୍ୟ): ଓଡ଼ିଶା ଓ ଜାପାନ ମଧ୍ୟରେ ଷ୍ଟାର୍ଟଅପ୍, ଏମ୍‌ଏସ୍‌ଏମ୍‌ଇ ଓ ବ୍ୟବସାୟିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜାପାନର ଟୋଟୋରି ପ୍ରିଫେକ୍ଚରର ଏକ ପ୍ରତିନିଧି ଦଳ ଆଜି ଭୁବନେଶ୍ୱର "ଓ-ହବ୍-ଷ୍ଟାର୍ଟଅପ୍ ଓଡ଼ିଶା" ପରିଦର୍ଶନ କରିଛନ୍ତି । ଏହି ଗସ୍ତ ଅବସରରେ ଆନ୍ତର୍ଜାତିକ ବ୍ୟବସାୟିକ ସହଭାଗିତା, ଆନୁଷ୍ଠାନିକ ସହଯୋଗ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଓଡ଼ିଶାର ଷ୍ଟାର୍ଟଅପ୍ ସଂସ୍ଥା ସଷ୍ଟେନେବିଲିଟି ଲିଡର୍ସ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜାପାନର ଟୋଟୋରିସ୍ଥିତ ବ୍ୟବସାୟିକ ସଂସ୍ଥା ୱାନଷ୍ଟ୍ରକ୍ସନ୍ ଇଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା । ଗତ ଜୁଲାଇ ୩୦ ତାରିଖରେ ଟୋଟୋରି ପ୍ରତିନିଧି ଦଳର ଓଡ଼ିଶା ଗସ୍ତ ସମୟରେ ହୋଇଥିବା ପ୍ରାରମ୍ଭିକ ଆଲୋଚନା ଏବଂ ପରବର୍ତ୍ତୀ ଯୋଗାଯୋଗର ସଫଳ ପରିଣତି ସ୍ୱରୂପ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଷ୍ଟାର୍ଟଅପ୍ ସହଯୋଗ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇଛି । ଏହି କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ; ଉଦ୍ୟମିତାକୁ ପ୍ରୋତ୍ସାହନ ଏବଂ ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ବ୍ୟବସାୟିକ ସୁଯୋଗର ସମ୍ପ୍ରସାରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର-ତଥା-ଶାସନ ସଚିବ ରଶ୍ମିତା ପଣ୍ଡା ରାଜ୍ୟର ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ଼ କରିବା, ନବସୃଜନକୁ ପ୍ରୋତ୍ସାହନ ଦେବା ଓ ଆନ୍ତର୍ଜାତିକ ସହଭାଗିତା ବୃଦ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଜାପାନର ପ୍ରତିନିଧି ଦଳରେ ଟୋଟୋରି ପ୍ରିଫେକ୍ଚରାଲ୍ ସରକାରଙ୍କ ବାଣିଜ୍ୟ, ଶିଳ୍ପ ଓ ଶ୍ରମ ବିଭାଗର ମହାନିର୍ଦ୍ଦେଶକ ଡୋରୁ ସାସାକି, ସାନ୍-ଇନ୍ ଗୋଡୋ ବ୍ୟାଙ୍କର ନିର୍ଦ୍ଦେଶିକା ଶ୍ରୀମତୀ ୟୋସିଓକା ଏବଂ ଟୋଟୋରି ପ୍ରିଫେକ୍ଚରାଲ୍ ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ୍ ଅର୍ଗାନାଇଜେସନ୍‌ର ସଭାପତି କାଜୁହିକୋ ଇକେଦାଙ୍କ ସମେତ ଜାପାନର ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ସାମିଲ ହୋଇଥିଲେ । ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାପାନ ପ୍ରତିନିଧି ଦଳର ସଦସ୍ୟମାନେ ନିଜ ନିଜର ମତ ରଖିଥିଲେ ।



ଓଡ଼ିଶାରେ ୨୦୨୬ ମସିହା ଲାଗି ଏସ୍‌ଏସ୍‌ଆର୍ କାର୍ଯ୍ୟକ୍ରମ

ଜାନୁଆରୀ ୨୧ରେ ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା

ଭୁବନେଶ୍ୱର(ସବୁ୍ୟ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶାରେ ୨୦୨୬ ମସିହା ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ (ଏସ୍‌ଏସ୍‌ଆର) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିପାଇଁ ୨୦୨୬ ଜାନୁଆରୀ ୧କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ଏହି ସଂଶୋଧନ କାର୍ଯ୍ୟକ୍ରମରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଂଗତ ପୁନର୍ଗଠନ ଓ ପୁନର୍ବିନ୍ୟାସ କାର୍ଯ୍ୟ ଚଳିତମାସ ୨୦ ତାରିଖ ସୁଦ୍ଧା ଶେଷ ହେବ । ୨୦୨୬ ନଭେମ୍ବର ୩୦ରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଏହାପରେ ୩୦ ନଭେମ୍ବରରୁ ୩୦ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ଭୋଟରମାନେ ନାମ ଯୋଡ଼ିବା, ବାଦ୍ ଦେବା ଓ ସଂଶୋଧନ ସମ୍ପର୍କିତ ଦାବି ଏବଂ ଆପତ୍ତି ଦାଖଲ କରିପାରିବେ । ଦାଖଲ ହୋଇଥିବା ଦାବି ଓ ଆପତ୍ତିଗୁଡ଼ିକର ଫଇସଲା ୧୬ ଜାନୁଆରୀ ୨୦୨୬ ସୁଦ୍ଧା କରାଯିବ । ଶେଷରେ ୨୧ ଜାନୁଆରୀ ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜିତ ହୋଇଥିଲା । ବୈଠକରେ ୨୦୨୬ ମସିହା ପାଇଁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ, ଏହାର କାର୍ଯ୍ୟପନ୍ଥା, ନିର୍ଦ୍ଧାରିତ ସମୟସୀମା ଏବଂ ସଂଶୋଧନ ପ୍ରକ୍ରିୟାକୁ ସୁଚାରୁ, ନିରପେକ୍ଷ ଓ ସ୍ୱଚ୍ଛ ଭାବେ ସମ୍ପନ୍ନ କରିବା ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇଥିଲା ।

୨୦୨୬ ନଭେମ୍ବର ୮ତାରିଖ ସୁଦ୍ଧା ଓଡ଼ିଶାରେ ମୋଟ ଭୋଟରଙ୍କ ସଂଖ୍ୟା ୩,୧୯,୧୨,୬୨୩ ରହିଛି । ସେଥିମଧ୍ୟରୁ ପୁରୁଷ ଭୋଟର ୧,୬୨,୫୧,୪୪୩ ଏବଂ ମହିଳା ଭୋଟର ୧,୫୬,୫୮,୪୦୫ ଅଛନ୍ତି । ତୃତୀୟ ଲିଙ୍ଗର ଭୋଟରଙ୍କ ସଂଖ୍ୟା ୨,୬୬୫ ରହିଛି । ରାଜ୍ୟରେ ଯୁବ ଭୋଟରଙ୍କ ସଂଖ୍ୟା ୩,୮୬,୧୮୫ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୪,୫୨,୦୭୩ ରହିଛି । ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ଏବଂ ଅନ୍ୟାନ୍ୟ ସଂଶୋଧନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ଫର୍ମର ବ୍ୟବସ୍ଥା କରାଯାଇଛି । ଫର୍ମ-୬ ମାଧ୍ୟମରେ ଆବେଦନ କରି ଯୋଗ୍ୟ ଭୋଟରମାନେ ନିଜର ନାମ ଭୋଟର ତାଲିକାରେ ସାମିଲ କରିପାରିବେ । ଫର୍ମ-୬ଏ ରେ ବିଦେଶରେ ରହୁଥିବା ଭାରତୀୟ ଭୋଟରଙ୍କ ନାମ ପଞ୍ଜୀକରଣ କରାଯାଇପାରିବ । ସେହିପରି ଫର୍ମ-୭ ମାଧ୍ୟମରେ ଭୋଟର ତାଲିକାରେ ପ୍ରସ୍ତାବିତ ନାମ ଅନ୍ତର୍ଭୁକ୍ତି କିମ୍ବା ନାମ ବାଦ୍ ଦେବା ବିରୋଧରେ ଆପତ୍ତି ଦାଖଲ କରାଯାଇପାରିବ ଏବଂ ଫର୍ମ-୮ ମାଧ୍ୟମରେ ବାସସ୍ଥାନ ପରିବର୍ତ୍ତନ, ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ, ନୂତନ ଭୋଟର ପରିଚୟପତ୍ର ପାଇବା ଏବଂ ଦିବ୍ୟାଙ୍ଗ ଭୋଟର ଭାବେ ଚିହ୍ନିତ କରିପାରିବେ ।

- ନଭେମ୍ବର ୩୦ରେ ଚିଠା ଭୋଟର ତାଲିକା
- ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩.୧୯ କୋଟି

ଆବେଦନକାରୀମାନେ ଅନଲାଇନରେ ଭୋଟର ସର୍ଭିସ ପୋର୍ଟାଲ (https://voters.eci.gov.in) ମାଧ୍ୟମରେ ଆବେଦନ କରିପାରିବେ ଯାହା ବ୍ୟତୀତ ସମ୍ପୃକ୍ତ ମତଦାନ କେନ୍ଦ୍ରର ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ନିକଟରେ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଆବେଦନ ଦାଖଲ କରିପାରିବେ । ଏଥିସହିତ ୦୨ ଏପ୍ରିଲ ୧ ତାରିଖ, ଜୁଲାଇ୧ ତାରିଖ ଏବଂ ଅକ୍ଟୋବର ୧ ତାରିଖକୁ ପରବର୍ତ୍ତୀ ଯୋଗ୍ୟତା ତାରିଖ ପାଇଁ ମଧ୍ୟ ଆଗୁଆ ଆବେଦନ ଗ୍ରହଣ କରାଯିବ । ଏହି ଆବେଦନଗୁଡ଼ିକ ସମ୍ପୃକ୍ତ ତ୍ରୈମାସିକରେ ପ୍ରକ୍ରିୟାକରଣ କରାଯିବ ।

ଅବକାରୀ ବିଭାଗର ଦୁଇଟି ସ୍ଥାନରେ ଚଢ଼ଉ

୧୪୦.୫ କେଜି ଗଞ୍ଜେଇ ଜବତ, ୫ ଗିରଫ

ଖୋର୍ଦ୍ଧା, (ସବୁ୍ୟ): ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଚଢ଼ଉ କରାଯାଇ ମୋଟ ୧୪୦.୫ କେଜି ଗଞ୍ଜେଇ ଜବତ କରାଯିବା ସହ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପ୍ରଥମ ଘଟଣାରେ ଖୋର୍ଦ୍ଧା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଜିତ କୁମାର ନାଗଙ୍କ ନେତୃତ୍ୱରେ ଏକ ଟିମ ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡ଼ା ଫ୍ଲାଏଓଭର ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୯ଟା ୩୦ ମିନିଟରେ ଚଢ଼ଉ କରିଥିଲା। ଏହି ସମୟରେ ସନ୍ଦେହଜନକ ଭାବେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ୨୦.୫ କେଜି ଗଞ୍ଜେଇ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତ ଜଣକ କନ୍ଧମାଳ ଜିଲ୍ଲା ବିସିପଡ଼ା ସଦର ଥାନା ଅନ୍ତର୍ଗତ ମଲିକପଡ଼ା ଗ୍ରାମର ଭଗବାନ ବେହେରା (୨୬) ବୋଲି ଜଣାପଡ଼ିଛି। ଜବତ ଗଞ୍ଜେଇ ଫୁଲବାଣୀରୁ ଭୁବନେଶ୍ୱର ଚାଲାଣ କରାଯାଉଥିବା ଅବକାରୀ ବିଭାଗ ସୂଚନା ଦେଇଛି।



ସେହିପରି ଦ୍ୱିତୀୟ ଘଟଣାରେ ଖୋର୍ଦ୍ଧା ଜିଲ୍ଲା ମୋବାଇଲ ଅବକାରୀ ୟୁନିଟର ଉପନିରୀକ୍ଷକ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ ମଙ୍ଗଳବାର ସକାଳ ପ୍ରାୟ ୧୦ଟା ୫ ମିନିଟ୍‌ରେ ଜାତୀୟ ରାଜପଥ-୧୬ର ପିତାପଲ୍ଲୀ ଛକ ନିକଟରେ ଏକ ଧଳା ରଙ୍ଗର ମହିନ୍ଦ୍ରା ବୋଲେରୋକୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରୁ ୧୨୦ କେଜି ଗଞ୍ଜେଇ ଜବତ ହେବା ସହିତ ଓଡି-୦୨-ଡିବି-୫୨୪୩ ନମ୍ବର ବିଶିଷ୍ଟ ବୋଲେରୋ ଏବଂ ୪ଟି ମୋବାଇଲ୍ ଫୋନ ଜବତ କରାଯାଇଥିଲା। ଏହି ଗାଡ଼ିରେ ଥିବା ୪ ଜଣଙ୍କୁ ଅବକାରୀ ଟିମ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ

ସୁନ୍ଦରକୁଦ୍ମା ଗ୍ରାମର ମୁର୍ଗସେନା ବେହେରାଙ୍କ ପୁଅ ତଥା ଗାଡ଼ି ଚାଳକ ଅମୂଲ୍ୟ ବେହେରା (୨୬), ସ୍ୱର୍ଗତ ବାବୁଲା ବେହେରାଙ୍କ ପୁଅ ସତ୍ୟବାନ ବେହେରା (୩୦) ଏବଂ ଦାମୋଦର ମୁଖାଙ୍କ ପୁଅ ସରୋଜ ମୁଖୀ (୨୫)। ଅନ୍ୟ ଜଣକ ହେଲେ ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମର ଦିବାଶ ମାଝୀଙ୍କ ପତ୍ନୀ ଶୈନୀ ମାଝୀ (୫୫)। ଜବତ ଗଞ୍ଜେଇ ଫୁଲବାଣୀରୁ ଭଦ୍ରକ ଅଭିମୁଖେ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଜିଲ୍ଲାରେ ନିଶାଦ୍ରବ୍ୟର ବେଆଇନ କାରବାର ଓ ଚୋରା ଚାଲାଣ ରୋକିବା ଉଦ୍ଦେଶ୍ୟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଓ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଜିଲ୍ଲା ମଧ୍ୟଦେଇ ଚୋରା ନିଶାଦ୍ରବ୍ୟ ଚାଲାଣ ଉପରେ ନଜର ରଖିବା ସହ ଏଭଳି ବେଆଇନ କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ମଧ୍ୟ ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉଭୟ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

ଶିଶୁପାଳଗଡ ହତ୍ୟାକାଣ୍ଡ, କ୍ରାଇମ୍‌ସିନ୍ ରିକ୍ରିଏସନ୍ କଲେ ଅଭିଯୁକ୍ତ

ବଢିଲା ଫୁଟ୍ ପାଟ୍ରୋଲିଂ

ଭୁବନେଶ୍ୱର, (ସବୁ୍ୟ) : ଶିଶୁପାଳଗଡ ହତ୍ୟାକାଣ୍ଡ ମାମଲାର ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ଆଣିଛି । ରିମାଣ୍ଡରେ ଆସିଥିବା ଦୁଇ ମୁଖ୍ୟ ଅଭିଯୁକ୍ତ ହେଲେ ଉମେଶ ପଟ୍ଟନାୟକ, ଚିତ୍ରସେନ୍ ନାୟକ । ମଙ୍ଗଳବାର ଘଟଣାସ୍ଥଳକୁ ଦୁହିଁଙ୍କୁ ନେଇପୋଲିସ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଛି । ୪ ଦିନରେ ୫ ଟି ହତ୍ୟାକାଣ୍ଡ ଘଟିବାରୁ ପୋଲିସ ସଜାଗ ହୋଇ ଫୁଟ୍ ପାଟ୍ରୋଲିଂ ଓ ବାଇକ୍ ପାଟ୍ରୋଲିଂ ବଢାଇଦେଇଛି । ଶିଶୁପାଳଗଡ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ପୋଲିସ ଜବତ କରିନଥିବାରୁ ତାହାକୁ ଜବତ କରିବା ପାଇଁ ଦୁଇ ଅଭିଯୁକ୍ତଙ୍କୁ ଘନ ଘନ ଜେରା କରୁଛି । ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ମାଲିକିଆଣିକୁ ହତ୍ୟା କରିଥିବା କେୟାର ଟେକର ଏବେ ସୁଦ୍ଧା ଗିରଫ ହୋଇନାହିଁ । ତାକୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ଅଞ୍ଚଳରେ ଛାନଭିନ୍ କରୁଛି । ଲକ୍ଷ୍ମୀସାଗର ଥାନା ହଲଦି ପଡିଆ ଯୁବକଙ୍କ ହତ୍ୟା ମାମଲାରେ ରାସ୍ତା ଉପରେ ଗ୍ୟାଙ୍ଗଓ୍ୱାର ହେବା ଦ୍ୱାରା ପୋଲିସ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏସବୁ ଘଟଣା କ୍ରମାଗତ ଭାବେ ଘଟିବା ଦ୍ୱାରା ପୋଲିସ ସଜାଗ ହୋଇ ଦିନ ରାତି ହେଉଥିବା ଫୁଟ୍ ପାଟ୍ରୋଲିଂକୁ ବଢାଇ ଦେଇଛି । ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଥିବା ସମ୍ବେଦନଶୀଳ ସ୍ଥାନ ଓ ବସ୍ତି ପ୍ରଭୃତି ମିଳିତ ଫୁଟ୍ ପାଟ୍ରୋଲିଂ କରାଯିବା ସହ ବାଇକ୍ ପାଟ୍ରୋଲିଂ ମଧ୍ୟ ତ୍ୱରାନ୍ୱିତ ହୋଇଛି । ଏହି ପାଟ୍ରୋଲିଂକୁ ଡିସିପି ସର୍ବଣା ବିବେକ୍ ଏମ୍. ମନିଟରିଂ କରିବେ । ପାଟ୍ରୋଲିଂ ଟିମ୍‌ରେ ରୁଟିନ୍ ଅନୁଯାୟୀ ଅଫିସର ସାମିଲ ରହିବେ । ସମଗ୍ର ସହରରେ ଏହି ପାଟ୍ରୋଲିଂ ବଢିବା ଦ୍ୱାରା ଅପରାଧ ନିୟନ୍ତ୍ରଣ ହେବ ବୋଲି ପୋଲିସ ଭାବିଛି । ବସ୍ତିମିତ୍ରଙ୍କ ସହପୋଲିସ ମିଶି ଅପରାଧୀଙ୍କ ଉପରେ ନଜର ରଖିବାକୁ ବ୍ଲୁ । ପ୍ରିରଣ୍ଟ ପ୍ରସ୍ତୁତ କରୁଛି ପୋଲିସ । ସତର୍କତା ସହ ପାଟ୍ରୋଲିଂ କରି ଅପରାଧୀ କାବୁ କରିବାପାଇଁ ପୋଲିସ ସମସ୍ତ ଯୋଜନା ପ୍ରସ୍ତୁତ କରିଥିବା ଜଣେ ଅଫିସର କହିଛନ୍ତି ।

ଅଭିନେତା ସ୍ୱର୍ଗତ ଭିକାରୀ ସ୍ୱାଇଁଙ୍କ ସ୍ମୃତିରେ ମଞ୍ଚସ୍ଥ ହେବ ନାଟକ

ଭୁବନେଶ୍ୱର, (ସବୁ୍ୟ) : ବିଶିଷ୍ଟ ଅଭିନେତା ସ୍ୱର୍ଗତଃ ବିକାଶ ସ୍ୱାଇଁଙ୍କ ସ୍ମୃତିରେ ଚକେଇସିହାଣି ଗ୍ରାମରେ ନାଟକ ମଞ୍ଚସ୍ଥ ହେବ । ସେଥିପାଇଁ ସ୍ମୃତି କମିଟି ଗଠନ କରାଯିବା ସହ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । କଳା ଓ ସଂସ୍କୃତିରେ ପ୍ରଚାର ଓ ପ୍ରସାର ସହିତ ସ୍ୱର୍ଗତଃ ସ୍ୱାଇଁଙ୍କ ଆଜୀବନ ସାଧନାକୁ ସମ୍ମାନ ଜଣାଇ ୨ ରାତି ନାଟକ ପରିବେଷଣ ହେବ ବୋଲି ମିଳିତ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ଉପଲକ୍ଷେ ଗ୍ରାମରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଗ୍ରାମର ମୁରବୀ ତଥା ବିଭିନ୍ନ କମିଟିର କର୍ମକର୍ତ୍ତାମାନେ ଏକତ୍ରିତ ହୋଇଥିଲେ । ଦୁର୍ଗାପୂଜା କମିଟି ସଭାପତି ଚୈତନ୍ୟଚରଣ ଦାସ ଓ ଗ୍ରାମ ଉନ୍ନୟନ କମିଟି ସଭାପତି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଏହି ବୈଠକ ହୋଇଥିଲା । ବୈଠକରେ ଦୁର୍ଗାପୂଜା କମିଟି ସମ୍ପାଦକ ଦାଶରଥି ରାଉତ, ଗ୍ରାମ ଉନ୍ନୟନ କମିଟି ସମ୍ପାଦକ ବ୍ରଜକିଶୋର ସ୍ୱାଇଁ, ଉପସଭାପତି ସଞ୍ଜୟ ଦାସ, ଅଶ୍ୱିନୀ ଦାସ, ବିଜୟ ରାଉତ, କୋଷାଧକ୍ଷ ପ୍ରତିକକୁମାର ସ୍ୱାଇଁ ଏବଂ ଉପଦେଷ୍ଟା ନିର୍ମଳ ରାଉତ, ପୀତବାସ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ବିକାଶ ସ୍ୱାଇଁଙ୍କ ଯାତ୍ରା ଅଭିନୟ ଓ କଳା ପ୍ରତି ତାଙ୍କର ନିଷ୍ଠାକୁ ଶ୍ରଦ

ଜିଏମଏପିଭି ଯୋଜନାରୁ ମହୁଲପଙ୍ଖା ବିଦ୍ୟାଳୟ ବାଦ୍
ପ୍ରତିବାଦରେ ଗଣଧାରଣା



ବାରିପଦା, (ସବ୍ୟୁ) : ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମଏପିଭି) ଯୋଜନାରେ ମହୁଲଫଙ୍ଖା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରିବା ଦାବିରେ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କପ୍ତିପଦା ବ୍ଲକ ମଝିଗଡ଼ିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ହୋ ଆଦିବାସୀ ଅଧ୍ୟୁଷିତ ମହୁଲଫଙ୍ଖା ଗ୍ରାମରେ ଥିବା ଏହି ବିଦ୍ୟାଳୟରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଯୋଜନାରେ ମହୁଲଫଙ୍ଖା ବିଦ୍ୟାଳୟକୁ ଚୟନ ନକରି ମଝିଗଡ଼ିଆ ଅପଗ୍ରେଡେଡ୍ ହାଇସ୍କୁଲକୁ ସାମିଲ କରାଯାଇଛି । ଯୋଜନାର ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ମହୁଲଫଙ୍ଖା ବିଦ୍ୟାଳୟ ଯୋଗ୍ୟ ହୋଇଥିଲେ ମଧ୍ୟ ଏହାକୁ ବାଦ୍ ଦିଆଯିବା ଅଞ୍ଚଳର ଶିକ୍ଷାଗତ ବିକାଶକୁ ପ୍ରଭାବିତ କରିବ ବୋଲି ସେମାନେ କହିଛନ୍ତି । ଏଥିସହ ଜିଏମଏପିଭି ଯୋଜନା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏକ ଉଚ୍ଚ ବିଦ୍ୟାଳୟକୁ ଏଥିରେ ସାମିଲ କରାଯିବା ପଛରେ ପ୍ରଶାସନିକ ଅବହେଳା ଓ ରାଜନୈତିକ ଅଭିସନ୍ଧି ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଚୟନ ପ୍ରକ୍ରିୟାର ନିରପେକ୍ଷ ତଦନ୍ତ ପାଇଁ ଜିଲ୍ଲା ପ୍ରଶାସନ, ଶିକ୍ଷା ଓ ରାଜସ୍ୱ ବିଭାଗର ମିଳିତ ଟିମ୍ ଦ୍ୱାରା ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା, ଜମିର ଉପଲବ୍ଧତା ଓ ଭିତ୍ତିଭୂମି ଯାଞ୍ଚ କରି ପୁନର୍ବିଚାର କରିବାକୁ ଦାବି ହୋଇଛି । ଏହି ଦାବି ନେଇ ସୋମନାଥ ହୋ, ବିଦ୍ୟାଧର ଗାଗରାଇ, ବେଲମଣୀ ତିୟୁ, ସେବତୀ ବାଲମୁଚୁ, ଶଙ୍କର ଡାଙ୍ଗିଲ, ନବୀନ ପୁଣ୍ଡୁରୀ, ବିଜୟ କୁମାର କାଲୁଣ୍ଡିଆ, ସୁବାଷ ସିଂ, ପାଣ୍ଡୁ ସିଂ, ଜାମାଦାର ବାଲମୁଚୁ ଓ ମହାନ୍ତି ଦେଓଗାମଙ୍କ ସମେତ ଶରତ ବିକାଶ ମଞ୍ଚର ସଭାପତି ଗାମାଏ ରାମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଏହି ଦାବି ନେଇ ଗତ ଅକ୍ଟୋବର ୧୩ତାରିଖରେ ଗ୍ରାମବାସୀ କପ୍ତିପଦା ବଜାରସ୍ଥିତ ଗାନ୍ଧୀ ଛକରୁ ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୧୦କିଲୋମିଟର ପଦଯାତ୍ରା କରି ଦାବିପତ୍ର ଦେଇଥିଲେ । ତେବେ ଦୀର୍ଘଦିନ ପରେ ମଧ୍ୟ ଦାବି ପୂରଣ ହୋଇନଥିବାରୁ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।

ବନ୍ୟା ବିପନ୍ନଙ୍କ ପାଇଁ ଛତ୍ରପୁର ପ୍ରେସ୍ କ୍ଲବର ୫୧ ହଜାର ଟଙ୍କା ସହାୟତା
ସାମ୍ବାଦିକଙ୍କ ସେବା ଓ ସମ୍ବେଦନଶୀଳତାକୁ ଜିଲ୍ଲାପାଳଙ୍କ ପ୍ରଶଂସା



ଛତ୍ରପୁର, (ସବ୍ୟୁ): ବନ୍ୟା ବିପନ୍ନଙ୍କ ଦୁଃଖ ଓ ଦୁର୍ଦ୍ଦଶାରେ ସହଭାଗୀ ହୋଇ ମାନବିକ ଓ ସାମାଜିକ ଦାୟିତ୍ୱବୋଧର ଉଦାହରଣ ସୃଷ୍ଟି କରିଛି ଛତ୍ରପୁର ପ୍ରେସ୍ କ୍ଲବ । ବନ୍ୟା ପ୍ରଭାବିତ ପରିବାରଙ୍କ ସହାୟତା ନିମନ୍ତେ କ୍ଲବ ପକ୍ଷରୁ ଗଞ୍ଜାମ ଜିଲ୍ଲା ରିଲିଫ୍ ପାଣ୍ଠିକୁ ୫୧ ହଜାର ଟଙ୍କା ପ୍ରଦାନ କରାଯାଇଛି । ଛତ୍ରପୁର ପ୍ରେସ୍ କ୍ଲବର ସଭାପତି ଓ ସମ୍ପାଦକଙ୍କ ନେତୃତ୍ୱରେ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ସାକ୍ଷାତ କରି ଏହି ଅର୍ଥରାଶିର ଚେକ୍ ପ୍ରଦାନ କରିଥିଲେ । ଏହି ମହତ ଅବଦାନ ପାଇଁ ଜିଲ୍ଲାପାଳ ଛତ୍ରପୁର ପ୍ରେସ୍ କ୍ଲବକୁ ସାଧୁବାଦ ଜଣାଇବା ସହ ସାମ୍ବାଦିକମାନଙ୍କ ସାମାଜିକ ସମ୍ବେଦନଶୀଳତାର ଭୂୟସୀ ପ୍ରଶଂସା କରିଥିଲେ । ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ସମୟରେ ସାମ୍ବାଦିକମାନେ ଦିନରାତି ଏକ କରି ଘଟଣାସ୍ଥଳରୁ ଖବର ପ୍ରସାରଣ କରିବା ସହ ବିପନ୍ନଙ୍କ ସମସ୍ୟା ଓ ଆବଶ୍ୟକତାକୁ ଲୋକଲୋଚନକୁ ଆଣିଥିଲେ । ଏଥିସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଲୋକଙ୍କ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥିଲେ । ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ତଥା ଜିଲ୍ଲା ବାହାରୁ ଆସି ଖବର ପରିବେଷଣ କରିଥିବା ସମସ୍ତ ସାମ୍ବାଦିକ ବନ୍ଧୁଙ୍କ ନିଷ୍ଠା, ସାହସ ଓ ନିରନ୍ତର ସହଯୋଗ ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ।

ବନ୍ୟା ବିପତ୍ତି ସମୟରେ ସାମ୍ବାଦିକମାନେ କେବଳ ଖବର ପରିବେଷଣରେ ସୀମିତ ନରହି ଜନସାଧାରଣଙ୍କ ଦୁଃଖ ଓ ଦୁର୍ଦ୍ଦଶାର ସ୍ୱର ହେବା ସହ ନିଜସ୍ୱ ଉଦ୍ୟମରେ ସହାୟତାର ହାତ ବଢ଼ାଇବା ଏକ ଅନୁକରଣୀୟ ଉଦାହରଣ ।

ବାତ୍ୟା 'ଅର୍ଣ୍ଣବ' ପରେ ନନ୍ଦିଗୋର ବିଦ୍ୟାଳୟର ପାଠ ପଢ଼ାରେ ଅନିଶ୍ଚିତତା

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର ନନ୍ଦୀଗୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ଟି ଶ୍ରେଣୀଗୃହ ଗତ ଅର୍ଣବ ଜନିତ ବନ୍ୟାରେ ଭାଙ୍ଗି ଯାଇଛି । ସମ୍ପ୍ରତି ପିଲାଙ୍କ ପାଠ ପଢା ପାଇଁ ନଅ ଗୋଟି ଶ୍ରେଣୀ ଗୃହର ଆବଶ୍ୟକତା ସ୍ଥଳେ ରହିଛି ମାତ୍ର ଚାରି। ବାଲ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୪୮ ଜଣ ଛାତ୍ରଛାତ୍ରୀଙ୍କ ପାଠପଢ଼ା ନେଇ ବର୍ତ୍ତମାନ ଚିନ୍ତାରେ ଅଛନ୍ତି ଅଭିଭାବକ ଓ ଶିକ୍ଷକ । ଗଞ୍ଜାମ ଜିଲ୍ଲାରେ ଗତ ୨୯ ତାରିଖରେ ଆସିଥିବା ବାତ୍ୟା "ଅର୍ଣ୍ଣବ'ର ତାଣ୍ଡବରେ ଏହି ବିଦ୍ୟାଳୟର ଚାରିଟି ଶ୍ରେଣୀ ଗୃହ ନଷ୍ଟ ହୋଇଯାଇଛି । ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଥିବା ଏହି ବିପଦ ଜନକ କୋଠା ଗୁଡିକୁ ଭାଙ୍ଗି ଦିଆଯାଇଛି । ଏଣୁ ନଅଟି ଶ୍ରେଣୀ ପାଇଁ ରହିଛି ତିନିଟି ଗୃହ ।

ଏଣୁ ପିଲାଙ୍କ ପାଠ ପଢା ହେବ କେମିତି ତାହା ପ୍ରଶ୍ନବାଚୀ ? ଏହା ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠି ସଂଖ୍ୟା ୨୦୧୭୦/୮/୧୧/୨୬ ଅନୁଯାୟୀ ନନ୍ଦିଗୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଯୋଗୁଁ ଦୀର୍ଘ ଆଠ ବର୍ଷ ହେଲା ବନ୍ଦ ରହିଥିବା ନିକଟସ୍ଥ ପୁଟୁ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ଭାବରେ ପିଲାଙ୍କ ପାଠ ପଢା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଯାହାକି ନନ୍ଦିଗୋର ଗାଁ ଲୋକଙ୍କୁ ଅସନ୍ତୁଷ୍ଟ କରିଛି । ଆଜି ଗାଁ କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜରୁରୀ ବୈଠକ ଡକାଯାଇ ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ନିଜ ନିଜର ପିଲାଙ୍କୁ ପୁଟୁ ବିଦ୍ୟାଳୟକୁ ନପଠାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଣୁ ଆଜି ନନ୍ଦିଗୋର ବିଦ୍ୟାଳୟରେ ପାଠ ପଢା ଆରମ୍ଭ ହୋଇଥିଲା । ମଙ୍ଗଳବାର ସପ୍ତମ ଓ ଅଷ୍ଟମ ଶ୍ରେଣୀ ର ମୋଟ ୮୫ ଜଣ ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ୩୪ ଜଣ ଉପସ୍ଥିତ ରହିଥିଲେ । ପ୍ରାର୍ଥନା ସହ ପାଠ ପଢା ଓ ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରସ୍ତୁତ ହୋଇଥିଲା ଛ ଆସନ୍ତା କାଲି ଅର୍ଥାତ ବୁଧବାର ପ୍ରଥମ ରୁ ପଞ୍ଚମ ଶ୍ରେଣୀର ଛାତ୍ର ଛାତ୍ରୀ ନିକଟସ୍ଥ ପୁଟୁ ବିଦ୍ୟାଳୟରେ ପଢ଼ିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା ବେଳେ ନନ୍ଦିଗୋର ଗାଁ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖା ଦେଇଥିଲା ।

ଦୀର୍ଘ ଆଠ ବର୍ଷ ଧରି ବନ୍ଦ ରହିଥିବା ବିଦ୍ୟାଳୟ ଆମ ପିଲା ପଢ଼ିବା ପାଇଁ ଆଦୌ ସୁରକ୍ଷିତ ନୁହେଁ ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରି ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏବିଇଓଙ୍କ ସହ ଯୋଗାଯୋଗ କରି ଆମ ପିଲାଙ୍କୁ ଆମେ ନନ୍ଦିଗୋର ବିଦ୍ୟାଳୟରେ ପଢ଼ିବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ଦାବୀ କରିଥିଲେ । ଘଟଣା ସମ୍ପର୍କରେ ଏବିଇଓ ତଥା ବିଆରସିସି ସୌରୀ ଶଙ୍କର ବେହେରାଙ୍କ ସହ ଯୋଗାଯୋଗ ବେଳେ ଆସନ୍ତାକାଲି ନନ୍ଦିଗୋର ଗାଁ କମିଟି, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଛନ୍ତି । ବର୍ତ୍ତମାନର ପ୍ରଶ୍ନ ନଅଟି ଶ୍ରେଣୀ, ତିନୋଟି ଶ୍ରେଣୀ ଗୃହରେ ଚାଲିବ କେମିତି ? ଶ୍ରେଣୀଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ଶିକ୍ଷାଦାନ ସ୍ୱାଭାବିକ ହେବ କେମିତି? ସମ୍ପ୍ରତି ଅର୍ଣ୍ଣବ ଜନିତ ବନ୍ୟାରେ ଧରାଶାୟୀ ହୋଇଥିବା ନନ୍ଦିଗୋର ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ପିଲାଙ୍କ ଭବିଷ୍ୟତ କେବେ ସୁଧୁରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ?

ଚେକ୍ ବାଉନ୍ସ ମାମଲା
ବ୍ୟବସାୟୀଙ୍କୁ ଜେଲ୍

ବାରିପଦା, (ସବ୍ୟୁ) : ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ମାନ୍ୟବର ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୬ମାସ କାରାଦଣ୍ଡ ଆଦେଶ ଶୁଣାଇବା ସହ ୯୭ହଜାର ୯୬୭ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ଦୁଇମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ବ୍ୟାଙ୍କ ପକ୍ଷରୁ ଆଇନ୍‌ଜିବୀ ବଟକୃଷ୍ଣ ପାଢା ମାମଲା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନ ଥାନା ଅଞ୍ଚଳର ଅଭିଯୁକ୍ତ ଜଣକ ବ୍ୟବସାୟ ପାଇଁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବାରିପଦା ଶାଖାରୁ ୨ଲକ୍ଷ ଟଙ୍କା ଋଣ ନେଇଥିଲେ । ଏହି ଋଣ ପରିଶୋଧ ପାଇଁ ସେ ୧ଲକ୍ଷ ୨୩ ହଜାର ୦୨୩ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ଚେକ୍‌ଟି ବାଉନ୍ସ ହୋଇଯିବାରୁ ବାରିପଦା ଶାଖାର ମ୍ୟାନେଜର ପରିଚାଳିକା ଏକ ମାମଲା ଜେଏମ୍‌ଏଫ୍‌ସି ପ୍ରଥମ ଶ୍ରେଣୀଙ୍କ କୋର୍ଟରେ ଆଇ.ସି.ସି. ନମ୍ବର-୧୧/୨୩/୨୦୨୪ରେ ଦାୟର କରିଥିଲେ । ସାକ୍ଷୀ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

ଧାନଗଛ ଧରି ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ
ସ୍ୱତନ୍ତ୍ର କ୍ଷତିପୂରଣ ପ୍ୟାକେଜ୍ ଦାବି କଲା ରଖିକୂଲ୍ୟା ରୟତ ମହାସଭା



ଛତ୍ରପୁର, (ସବ୍ୟୁ): ବାତ୍ୟା "ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଓ ଅତିବୃଷ୍ଟି ଯୋଗୁଁ ଗଞ୍ଜାମ ଜିଲ୍ଲାରେ ବ୍ୟାପକ ଫସଲ ନଷ୍ଟ ହୋଇଛି । ଏଥିରେ କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ ଦାବିରେ ରଖିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ଜୋରଦାର କରାଯାଇଛି । ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଚାଷୀ ଓ ଚାଷୀ ପ୍ରତିନିଧିମାନେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଚାଷୀମାନେ ବନ୍ୟାରେ ନଷ୍ଟ ହୋଇଥିବା ଧାନଗଛ ହାତରେ ଧରି ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଫସଲ କ୍ଷୟକ୍ଷତିର ବାସ୍ତବ ଚିତ୍ର ଉପସ୍ଥାପନ କରିଥିଲେ । ବର୍ଷକର ପରିଶ୍ରମ ସହ ଚାଷ ପାଇଁ କରିଥିବା ଖର୍ଚ୍ଚ ନଷ୍ଟ ହୋଇଯାଇଥିବାରୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି । ପ୍ରଚଳିତ ପୁରୁଣା ରିଲିଫ୍ କୋଡ୍ ଅନୁଯାୟୀ ମିଳୁଥିବା ସହାୟତା ଚାଷୀଙ୍କ କ୍ଷତି ଭରଣା ପାଇଁ ଯଥେଷ୍ଟ ହେଉନଥିବାରୁ ଏଥିରେ ସମୟୋପଯୋଗୀ ପରିବର୍ତ୍ତନ ଆଣିବାକୁ ମହାସଭା ଦାବି କରିଛି ।

ଦାବିଗୁଡ଼ିକ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ସର୍ବନିମ୍ନ ୨୫ ହଜାର ଟଙ୍କା କ୍ଷତିପୂରଣ, ଜଳସେଚିତ ଓ ଅଣଜଳସେଚିତ ଜମି ପାଇଁ ସମାନ ସହାୟତା, ଫସଲ ବୀମା ପ୍ରଦାନ ନିମନ୍ତେ ପ୍ରତି ଗ୍ରାମକୁ ଏକକ ଭାବେ ବିବେଚନା, ପ୍ରକୃତ ଭାଗଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଓ ନୂତନ କୃଷି ଋଣ ଯୋଗାଣ ଆଦି ଅନ୍ତର୍ଭୁକ୍ତ ରହିଛି । ସେହିପରି ବନ୍ୟାରେ ଭାଙ୍ଗିଯାଇଥିବା କେନାଲ ଓ ଘାଇଗୁଡ଼ିକର ତୁରନ୍ତ ମରାମତି, କୃଷି ଶ୍ରମିକଙ୍କୁ ଗ୍ରାମାଞ୍ଚଳରେ କାମ ଯୋଗାଇବା, ରବି ଫସଲ ପାଇଁ ମୁଗ, ବିରି, ଚିନାବାଦାମ ଓ ପନିପରିବା ବିହନ ସହିତ ଜୈବିକ ସାର ରିହାତି ଦରରେ ଯୋଗାଇବାକୁ ଦାବି କରାଯାଇଛି । ଚାଷୀଙ୍କ ଦୁର୍ଦ୍ଦଶାକୁ ଗୁରୁତ୍ୱର ସହ ବିଚାର କରି ସରକାର ତୁରନ୍ତ ସ୍ୱତନ୍ତ୍ର କ୍ଷତିପୂରଣ ପ୍ୟାକେଜ୍ ଘୋଷଣା କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ରଖିକୂଲ୍ୟା ରୟତ ମହାସଭା ଦାବି କରିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସମାଜସେବୀ ଭାଗିରଥି ବେହେରା, ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡୀ ଓ ଟି. କ୍ରିଷ୍ଣା ରେଡ୍ଡୀ, ପୂର୍ଣ୍ଣଚନ୍ଦ୍ର ଦାଶ, ସୁମା ଦାଶ, ଏ. ସଞ୍ଜୀବ ରେଡ୍ଡୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

ଡିଭାଇନ୍‌ରେ ଜାତୀୟ ଆଇନ ସେବା ଦିବସ

ବାରିପଦା, (ସବ୍ୟୁ): ବାରିପଦାସ୍ଥିତ ଡିଭାଇନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ପକ୍ଷରୁ ନଭେମ୍ବର ୯ ତାରିଖରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଇନ ସେବାର ଗୁରୁତ୍ୱ, ଆଇନଗତ ଅଧିକାର ଏବଂ ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ନିଃଶୁଳ୍କ ଆଇନ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଡିଭାଇନ୍ ଗ୍ରୁପ୍‌ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଅଧ୍ୟକ୍ଷତା କରି ଦିବସର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ । ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବରିଷ୍ଠ ଦେୱାନୀ ବିଚାରପତି ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜନସାଧାରଣଙ୍କୁ ମିଳୁଥିବା ବିଭିନ୍ନ ଆଇନଗତ ସହାୟତା ଓ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏଥିସହ ଆଇନ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଆଇନ ସେବା ଦିବସର ଉଦ୍ଦେଶ୍ୟ ଓ ବିଶେଷତ୍ୱ ବିଷୟରେ ବୁଝାଇଥିଲେ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ସାଧାରଣ ଜନତାଙ୍କ ପାଇଁ ଉର୍ଦ୍ଦିଷ୍ଟ ଆଇନ ସେବା ଓ ବିଭିନ୍ନ ସହାୟତାମୂଳକ ବ୍ୟବସ୍ଥା ବିଷୟରେ ଜାଣିବାର ସୁଯୋଗ ପାଇଥିଲେ । ଏହି ଅବସରରେ ଡିଭାଇନ୍‌ର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ. ବିପ୍ଲବ ଭଞ୍ଜନ ବୁଗୁଡେଇ ଓ ନିର୍ଦ୍ଦେଶକ ଇଂ. ଗୌରଭ ବୁଗୁଡେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ଏହି କାର୍ଯ୍ୟକ୍ରମର ସମୟୋପଯୋଗିତା ଉପରେ ମତ ରଖିଥିଲେ। ଶେଷରେ ଡିଭାଇନ୍ ହାୟର ସେକେଣ୍ଡାରୀ ସ୍କୁଲ, ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚର ଛାତ୍ରଛାତ୍ରୀମାନେ ସାଂସ୍କୃତିକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଗ୍ରୁପ୍‌ର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

କୁଡୁମାଲୀ ଭାଷାର ସ୍ୱୀକୃତି ଦାବିରେ ପଦଯାତ୍ରା
ବିଡିଓ, ବିଇଓଙ୍କୁ ସ୍ମାରକପତ୍ର



ବାରିପଦା, (ସବ୍ୟୁ): କୁଡୁମାଲୀ ଭାଷା ଓ ଲିପିର ସରକାରୀ ସ୍ୱୀକୃତି ସହ ମାତୃଭାଷାରେ ପ୍ରାଥମିକ ଶିକ୍ଷାଦାନ ଦାବିରେ କୁଡୁମାଲୀ ଭାଷା ପରିଷଦ ପକ୍ଷରୁ ଶ୍ୟାମାଖୁଣ୍ଟା ବ୍ଲକରେ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା । ପରିଷଦର ସଭାପତି ଶରତଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ କୁଡୁମାଲୀ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ବ୍ଲକ ବିଡିଓ ଓ ବିଇଓ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । କୁଡୁମୀ ସମ୍ପ୍ରଦାୟର ଭାଷା କୁଡୁମାଲୀ ଓ ଏହାର ଲିପି ପାଇଁ ପ୍ରସ୍ତୁତ ସଫଫେଓ୍ୱରକୁ ସରକାରୀ ସ୍ୱୀକୃତି ଦେଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବା, ଅଙ୍ଗନବାଡ଼ି

ବିବାଦୀୟ ସରକାରୀ ଜମିକୁ ବେଦଖଲ କଲା ପ୍ରଶାସନ : ଟାଉନ ଭିତରେ କେବେ

ପାଲଲହଡ଼ା, (ସବ୍ୟୁ): ଅନୁଗୁଳ ଜିଲ୍ଲା ପାଲଲହଡା ତହସିଲ ଅନ୍ତର୍ଗତ ଚଷାଗୁରୁଜାଙ୍ଗ ମୌଜାରେ ଆଜି ଉପଖଣ୍ଡ ପ୍ରଶାସନପକ୍ଷରୁ ବିବାଦୀୟ ୧ ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରି ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି । ଆଉ ମଧ୍ୟ ଜବରଦଖଲକାରୀଙ୍କୁ ଭବିଷ୍ୟତରେ ଏହି ବିବାଦୀୟ ଜାଗା ଭିତରେ ପ୍ରବେଶ ନକରିବାକୁ କଡା ଚେତାବନୀ ଦେବାସହିତ ପର୍ଯ୍ୟାୟ କ୍ରମେ ସମସ୍ତ ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯିବ ବୋଲି ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ କହିଛନ୍ତି । ଉପଜିଲ୍ଲାପାଳଙ୍କ ପଦକ୍ଷେପ କେତେଦୂର ସଫଳ ହେବ ତାହା ସମୟ ହି କହିବ, ଯେବେକି ପାଲଲହଡା ଟାଉନରେ ମାଷ୍ଟର ପ୍ଲାନ ଏରିଆ ଭିତରେ ଥିବା ସରକାରୀ ଜମି ଉପରେ ଗଢି ଉଠିଥିବା ବିରାଟ ବିରାଟ ଅଟ୍ଟାଳିକାଗୁଡିକ ଜବରଦଖଲମୁକ୍ତ ହୋଇ ସରକାରଙ୍କ ଅକ୍ତିଆରକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଗୁଞ୍ଜରଣ ସୃଷ୍ଟି ହେଉଛି ।

ସୂଚନା ଯୋଗ୍ୟ ଯେ, ପାଲଲହଡା ତହସିଲ ଅନ୍ତର୍ଗତ ବାହାଡ଼ାପଶି ରାଜସ୍ୱ ସର୍କଲ ଚଷାଗୁରୁଜାଙ୍ଗ ମୌଜାର ଖାତା ନଂ-୨୨୯, ପ୍ଲଟ ନଂ-୨୬୭୮, କିସମ-ଜଙ୍ଗଲ-୨ ରେ ଥିବା ୧ ଏକର ସରକାରୀ ଜମିକୁ ସେହି ଗାଁର ରାଜୀବଲୋଚନ ସାହୁ ଦୀର୍ଘଦିନଧରି ଜବରଦଖଲ କରି ରଖିଥିଲେ। ଆଜି ଏହି ବିବାଦୀୟ ଜମିକୁ ଉଚ୍ଛେଦ କରି ଜବରଦଖଲମୁକ୍ତ କରାଯାଇଛି ।

ଉଚ୍ଛେଦ ଅଭିଯାନ ଆରମ୍ଭରେ ଜବରଦଖଲକାରୀ ରାଜୀବ ଲୋଚନ ସାହୁ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ ବି ପରବର୍ତ୍ତୀ ମୁହୂର୍ତ୍ତରେ ସ୍ଥାନ ଛାଡି ଚାଲିଯାଇଥିଲେ । ଜବରଦଖଲ ମୁକ୍ତ ହୋଇଥିବା ଜମିରେ ପୂର୍ବରୁ ଲଗାଯାଇଥିବା ସୋଲାର ପ୍ୟାନେଲକୁ ଉଠାଜଳସେଚନ ବିଭାଗକୁ ହସ୍ତାନ୍ତର କରାଯିବାସହିତ ଜମିର ସୀମାରେ ଲାଲ ପତାକା ଲଗାଯାଇଛି । ଉକ୍ତ ଜମିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ବନ ବିଭାଗକୁ ସ୍ଥାନୀୟ ପ୍ରଶାସନ ଅନୁରୋଧ କରିଛି । ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ନିର୍ଦ୍ଦେଶକ୍ରମେ ଆଜିର ଏହି ଉଚ୍ଛେଦ ଅଭିଯାନରେ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଓସହକାରୀ ଜିଲ୍ଲାପାଳ ଗିରିଶ ଚନ୍ଦ୍ର ସିଂ, ବାହାଡାପସୀ ରାଜସ୍ୱ ନିରୀକ୍ଷକ ତିଲୋତ୍ତମା କିସାନ,ଠିଆନାଳ ବନପାଳ ଭୀମସେନ ଶତପଥୀ, ପାଲଲହଡା ଉଠା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଅସିତ କୁମାର ପତି ପ୍ରମୁଖ ଗ୍ରାମବାସୀଙ୍କ ସହିତ ସାମିଲ ହୋଇ ଏହି ଅଭିଯାନ ପ୍ରକ୍ରିୟା ଚାଲୁ ରଖିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ବିନା ପୋଲିସ ଉପସ୍ଥିତିରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ଏହି ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, ସେହି ଚସାଗୁରୁଜାଙ୍ଗ ଗାଁ ର ପ୍ରାୟ ତିରିଶ ଜଣ ଅଧିବାସୀ ଗାଁ ର ପ୍ରାୟ ୩୫ ଏକର ସରକାରୀ ଜମି ଜବରଦଖଲ କରି ରହିଥିବାବେଳେ ତହସିଲ ପ୍ରଶାସନ ପକ୍ଷରୁ ତୁରନ୍ତ ଜାଗା ଛାଡିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିବାର ଜଣାପଡିଛି ।

ଏହି ଅବସରରେ ଉପଜିଲ୍ଲାପାଳ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ସରକାରୀ ଜମି ଜବରଦଖଲ ପ୍ରତି ପ୍ରଶାସନର ଆଭିମୁଖ୍ୟ ଶୂନ୍ୟ ସହନଶୀଳତା। ଜବରଦଖଲ ବିରୋଧରେ ଏଭଳି ଅଭିଯାନ ମିଶନ ମୋଡ୍ରେ ଆଗାମୀ ଦିନରେ ଆହୁରି ଜୋରଦାର ଭାବେ ଜାରି ରହିବ । କେହି ବି ସରକାରୀ ଜମି ଜବରଦଖଲ କଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି କହିଛନ୍ତି ।

ଚୋରା ଗଞ୍ଜେଇ ଚାଲାଣ ବେଳେ ଅଟୋ ଜବତ, ୫ ଗିରଫ



ବଅଁରପାଳ, (ସବ୍ୟୁ) : ଆଠମଲ୍ଲିକ ଅଞ୍ଚଳରୁ ଅନୁଗୋଳ ଅଭିମୁଖେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ସୂଚନା ପାଇ ଅନୁଗୋଳ ସଦର ଥାନା ପୋଲିସ ପକ୍ଷରୁ ୫୫ ନଂ ଜାତୀୟ ରାଜପଥ ହରିବେରେଣୀ ନିକଟରେ ଏକ କଳା ରଙ୍ଗର ଅଟୋକୁ ଅଟକାଇ ଯାଞ୍ଚ କରିଥିଲା । ଉକ୍ତ ଅଟୋରେ ଡ୍ରାଇଭର ସମେତ ମୋଟ ୫ବ୍ୟକ୍ତି ଯାତ୍ରା କରୁଥିବା ବେଳେ ସେମାନଙ୍କ ନିକଟରୁ ଦୁଇଟି ଧଳା ରଙ୍ଗର ପ୍ଲାଷ୍ଟିକ ବସ୍ତାରୁ ଗଞ୍ଜେଇ ମିଳିଥିଲା। ଏହାକୁ ଏଜ୍‌କ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା ୨୧,୮୦୦ କିଲୋଗ୍ରାମ ହୋଇଥିଲା। ଫଳରେ ଗଞ୍ଜେଇ ଓ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଅଟୋକୁ ଜବତ କରିବା ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଦିନେଶ କୁମାର ଯାଦବ (୩୫) ବିହାର ରାଜ୍ୟର ହୋଇଥିବା ବେଳେ, କାମେରା ବିବି (୫୯) ,ଜିବନ ମାଲ (୫୫), ଆଲକା ଦାସ (୫୪) ଏହି ତିନି ଅଭିଯୁକ୍ତ ପଶ୍ଚିମବଙ୍ଗ ରାଜ୍ୟର ଓ ଅନୁଗୋଳର ଅଟୋ ଚାଳକ ଭକ୍ତି ଦାସ (୨୫) । ଏମାନଙ୍କ ଠାରୁ ୫ଟି ମୋବାଇଲ ଫୋନ ୬,୮୧୦ ଟଙ୍କା ଜବତ ହୋଇଥିଲା ।

ପ୍ରାଥମିକ ପଚରାଉଚରା ସମୟରେ ଅଭିଯୁକ୍ତମାନେ ଆଠମଲ୍ଲିକ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଅନୁଗୋଳ ରେଳ ଷ୍ଟେସନ ଦେଇ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବାର ପ୍ରକାଶ କରିଛନ୍ତି । ଏହି ବେଆଇନ ଗଞ୍ଜେଇ ଚାଲାଣ ନେଟୱାର୍କରେ ଅନ୍ୟ କାହାର ସଂପୃକ୍ତି ରହିଛି କି ନାହିଁ, ସେ ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

ଏସଟିଏଫ ଚଢ଼ାଉ
ଗଞ୍ଜେଇ ସହ ୩ ଗିରଫ , ୨ ଗାଡି ଜବତ

ଠାକୁରଗଡ,(ସବ୍ୟୁ) : ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ରାସ୍ତାରେ ମଙ୍ଗଳବାର ଦିନ ଭୁବନେଶ୍ୱରର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ) ପକ୍ଷରୁ ଚଢ଼ାଉ କରାଯାଇଛି । ଚୋରା ରେ ଚାଲାଣ କରାଯାଉଥିବା ଗଞ୍ଜେଇ କୁ ଜବତ କରିବା ସହ ୩ ଜଣ ବ୍ୟବସାୟୀ ଙ୍କୁ ଗିରଫ କରାଯାଇଛି । ଏଥିସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ହେଉଥିବା ସନ୍ଦେହରେ ଦୁଇଟି ଚାରିଚକିଆ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି । ଘଟଣାରୁ ଜଣା ପଡିଛି ଯେ ବୌଦ୍ଧ ଅଞ୍ଚଳରୁ ଏକ ଟ୍ରାଭେଲର ଗାଡି ନମ୍ବର ଓଡି ୦୫ ସିଏଲ ୨୩୨୯ ଜରିଆରେ ୪ କୁଇଣ୍ଟାଲ ୧୦ କେଜି ଧରି ଆସୁଥିବା ବେଳେ ଠାକୁରଗଡ ଅଞ୍ଚଳରେ ଉକ୍ତ ଗାଡି କୁ ଏସଟିଏଫ ଟିମ ଅଟକାଇ ଥିଲେ । ଏସଟିଏଫ ଟିମକୁ ଦେଖି ଟ୍ରାଭେଲର ଗାଡ ଆମ୍ବସରମୁଣ୍ଡା ରାସ୍ତା ଆଡକୁ ପଳାଇ ଯାଇଥିଲା । ପରେ ଟିମ ତାକୁ ପିଛା କରିଥିବା ବେଳେ ରାସ୍ତା କିଛି ଦୂରରେ ଗାଡି କୁ ଅଟକାଇ ଯାଞ୍ଚ କରିଥିଲେ ।

ଏଥିରେ ୪ କୁଇଣ୍ଟାଲ ଗଞ୍ଜେଇ ଥିବା ଜବତ କରିବା ସହ ଉକ୍ତ ଗାଡି କୁ ପାଇଲଟ କରୁଥିବା ଏକ ବ୍ରେଜା କାର୍ ନମ୍ବର ଓଡି ୦୨ ଡିଏଲ ୮୧୭୮ ମଧ୍ୟ ଜବତ କରିଥିଲେ । ଏଥିରେ ୩ ଜଣଙ୍କୁ ଗିରଫ କରା ଯାଇଥିଲା । ସେମାନେ ହେଲେ କିଆକଟା ଥାନା ଅଞ୍ଚଳର ଆଦିତ୍ୟ ଚାନ୍ଦ , ବୌଦ୍ଧ ଅଞ୍ଚଳ ର ରମାକାନ୍ତ କର୍ଣ୍ଣ , କନ୍ଧମାଳ ଅଞ୍ଚଳ ର ମଳୟ ବିଶୋଇ , ଚଢଉ ସମୟରେ ଦୁଇ ଜଣ ଫେରାର ହୋଇ ଯାଇଥିବା ଜଣାପଡିଛି । ଉକ୍ତ ଗାଡି ସହ ଗଞ୍ଜେଇ ଓ ଅଭିଯୁକ୍ତମାନଙ୍କୁ ଏସଟିଏଫ ଟିମ ଭୁବନେଶ୍ୱର ଅଭିମୁଖେ ନେଇ ତଦନ୍ତ କରୁଥିବା ଜଣା ପଡିଛି ।

ଡିଏଭି ସ୍କୁଲରେ ରକ୍ତଦାନ ଶିବିର, ୭୦ ୟୁନିଟ ସଂଗ୍ରହ

କଣିହାଁ,(ସବ୍ୟୁ) : ଡିଏଭି ପବ୍ଲିକ ସ୍କୁଲ, ଏନଟିପିସି, କଣିହାଁ ପକ୍ଷରୁ ସୋମବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ମୋଟ ୭୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିର ପ୍ରାରମ୍ଭରେ ଏନଟିପିସି ଡ଼ିଏଭି ସ୍କୁଲର ଅଧକ୍ଷ ସଦାନନ୍ଦ ହୋତାଙ୍କ ସଭାପତିତ୍ୱରେ ରକ୍ତଦାନ ନିମିତ୍ତ ଏକ ସଚେତନତା ସଭା କରାଯାଇଥିଲା।



ସଭାରେ ମୁଖ୍ୟ ମୁଖ୍ୟ ଅତିଥି ଓଡିଶା ଡ଼ିଏଭି ଅନୁଷ୍ଠାନର ସହାୟକ ଆଞ୍ଚଳିକ ଅଧିକାରୀ ଜ୍ୟୋତି ମିଶ୍ର, ସମ୍ମାନିତ ଅତିଥି ଭାବରେ ତାଳଚେର ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସଂଗୀତା ପଟ୍ଟନାୟକ, ଏନଟିପିସି ସିଆଇଏସଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓମ ପ୍ରକାଶ ପାଲ ପ୍ରମୁଖ ଯୋଗ ଦେଇ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପରେ ଅତିଥିଗଣ ଶିବିରକୁ ଶୁଭାରମ୍ଭ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିର ବିଦ୍ୟାଳୟର ହେଲଥ କ୍ଲବ ଦାୟିତ୍ୱରେ ଥିବା ଭଗବାନ ରାଉତ ଏବଂ ହେଲଥ କୋର୍ଡିନେଟର ମଧୁସ୍ମିତା ତରାଇଙ୍କ ନେତୃତ୍ୱରେ ଆୟୋଜିତ କରାଯାଇଥିଲା ।

ଭାରତୀୟ ରେଡକ୍ରସ ସୋସାଇଟି, ଅନୁଗୋଳର ଜିଲ୍ଲା କାର୍ଯ୍ୟନିର୍ବାହୀ ବଳରାମ ପତି, କଣିହାଁ ରେଡକ୍ରସ ସଦସ୍ୟ ସତ୍ୟାନନ୍ଦ ପ୍ରଧାନ, ଏନଟିପିସି ସିଆଇଏସଏଫ ର କେ.ଏଚ. ରାଓ, ଟି.କେ.ବରିହା ଓ ଭି.ଏସ. ଚୌଧୁରୀ, ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ହିନ୍ଦୋଳ ବନ ବିଭାଗର
ଗଜସାଥୀ ତାଲିମ ପ୍ରଶିକ୍ଷଣ ଶିବିର

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ବନଖଣ୍ଡ ଅଧୀନ ହିନ୍ଦୋଳ ବନାଞ୍ଚଳ କାର୍ଯ୍ୟାଳୟରେ ଏକ ଗଜସାଥୀ ତାଲିମ ପ୍ରଶିକ୍ଷଣଶିବିର ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଢେଙ୍କାନାଳ ଏସିଏଫ କୋଶିଶ ବେହେରା,ପରିବେଶବିତ୍ତ ବିଜୟ କୁମାର ଦାସ,ଅରବିନ୍ଦ ମାଝୀ,ଢେଙ୍କାନାଳ ଏଫଇଏସ ଜଗନ୍ନାଥ ନାୟକ ଓ ତାଙ୍କ ସହଯୋଗୀଙ୍କ ସମେତ ସମସ୍ତ ଗଜସାଥୀ, ବନବିଭାଗ କର୍ମଚାରୀ ଯୋଗଦେଇ ଥିଲେ । ତେବେ କାର୍ଯ୍ୟକ୍ରମରେ ମୁଖ୍ୟତଃ ହାତୀ ମାନଙ୍କ ସମ୍ବନ୍ଧରେ ଅନେକ ମୂଲ୍ୟବାନ ତଥ୍ୟପ୍ରଦାନ ସହିତ ହାତୀମାନଙ୍କ ଗତିବିଧି, ଖାଦ୍ୟପାନୀୟ, ସ୍ୱାସ୍ଥ୍ୟ ଓ ବିଭିନ୍ନପ୍ରକାର ହାତୀମାନଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ ସହିତ କିପରି ହାତୀ ମାନଙ୍କ ସୁରକ୍ଷା କରିହେବ ଓ ହାତୀ ମାନଙ୍କଠାରୁ ଜନସାଧାରଣ ସୁରକ୍ଷିତ ରହିବେ,ବିଭିନ୍ନ ସମସ୍ୟା ଓ ଅପରାଧ ପାଇଁ ଏଥିପାଇଁ ଜଙ୍ଗଲ ଆଇନରେ କଣକଣ ଆଇନ ରହିଛି ଅତିଥିମାନେ ଉପସ୍ଥାପନା କରିଥିଲେ । ତେବେ ଏହିପରି ଏକ ମୂଲ୍ୟବାନ କାର୍ଯ୍ୟକ୍ରମପାଇଁ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ଜନସାଧାରଣ ମତ ଦେଇଛନ୍ତି ।

ଅନୁଗୋଳ ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଅନୁଗୋଳ, (ସବ୍ୟୁ) : ଓକିଲ ସଂଘର ଏକ ମିଳିତ ବିବୃତିରେ ସଭାପତି ଦିଲ୍ଲୀପ କୁମାର ସାହୁ, ଉପ-ସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସଂପାଦକ ନିରୋଦ କୁମାର ମିଶ୍ର, ସହ-ସଂପାଦକ ପ୍ରଭୁ ପ୍ରସାଦ ପ୍ରଧାନ, ସାଂସ୍କୃତିକ ସଂପାଦିକା ଜ୍ୟୋତ୍ସ୍ନାମୟୀ ସାହୁ, କୋଷାଧକ୍ଷ୍ୟ ପ୍ରଦୀପ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଆଇନଜୀବି ମୃତ୍ୟୁକାଳୀନ / ଅବସରକାଳୀନ ସହାୟତା ୯ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିବାରୁ ଓକିଲ ସଂଘ ତରଫରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଆଇନ ମନ୍ତ୍ରୀ ପୃଥୀଭିରାଜ ହରିଚନ୍ଦନ, ଅଧକ୍ଷ ଆଇନଜୀବି ପରିଷଦ, ଓଡିଶା ଶିତାଂଶୁ ମୋହନ ଦ୍ୱିବେଦୀଙ୍କୁ ଅନୁଗୋଳ ଓକିଲ ସଂଘ ତରଫରୁ ଅଶେଷ ଧନ୍ୟବାଦ ଦେବା ସହିତ ସମସ୍ତ ଓକିଲ ଭାଇ ଓ ଭଉଣୀ ମାନଙ୍କ ଏବଂ ସେମାନଙ୍କ ପରିବାର ପାଇଁ ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବା ପାଇଁ ଅନୁରୋଧ କରାଗଲା ।

କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଠାକୁରଗଡ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଠାକୁରଗଡ ଅଞ୍ଚଳ ର ଏକ ଖୋଲା କୂଅ ରୁ ସେହି ଗ୍ରାମର ବାବୁଲି ବେହେରା ଙ୍କର ମୃତ ଦହ କୁ ଆଠମଲ୍ଲିକ ଅଗ୍ନିଶମ ବିଭାଗ ଅଧିକାରୀ ମାନେ ଉଦ୍ଧାର କରିଛନ୍ତି । ତାଙ୍କ ମୃତ ର କାରଣ ଜଣା ପଡିନଥିବା ବେଳେ ଠାକୁରଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କ ମୃତଦେହ କୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଘଟଣାରୁ ଜଣା ପଡିଛି ଯେ ବାବୁଲି ସୋମବାର ଠାରୁ ନିଖୋଜ ଥିଲେ ।ତାଙ୍କ ମୃତଦେହ ଠାକୁରଗଡ ରେ ଥିବା ଏକ ଖୋଲା କୂଅ ରେ ଭାସୁଥିବା ମଙ୍ଗଳବାର ଦିନ ସ୍ଥାନୀୟ ଅଞ୍ଚଳବାସୀ ଦେଖି ଆଠମଲ୍ଲିକ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ପରେ ଆଠମଲ୍ଲିକ ଅଗ୍ନିଶମ ବିଭାଗର ଅଧିକାରୀ ପ୍ରଶାନ୍ତ ସାମଲଙ୍କର ସମେତ ଏକ ଟିମ ଉକ୍ତ ଗ୍ରାମକୁ ଆସି ତାଙ୍କ ମୃତଦେହ କୂଅ ରୁ ଉଦ୍ଧାର କରିବା ପରେ ଠାକୁରଗଡ ପୋଲିସ ମୃତଦେହ କୁ ଜବତ କରିଥିଲେ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷର ସାମଗ୍ରୀକ ବିକାଶ ପାଇଁ
ସରକାର ପ୍ରତିଶ୍ରୁତିବଦ୍ଧ- ବିଧାୟକ

ଗୋଡ଼ିବନ୍ଧ, (ସବ୍ୟୁ): ମଙ୍ଗଳାବାର ଦିନ ଅନୁଗୁଳ ଜିଲ୍ଲା ସମଲ ଥାନାର ପବିତ୍ରନଗରରେ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ଏକ ମେଳା କାର୍ଯ୍ୟକ୍ରମ ହେଇଯାଇଛି । ଏହି ମେଳାରେ ପାଲଲହଡା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କର ସ୍ୱଳ୍ପ ଓ ସାରଗର୍ଭକ ବକ୍ତବ୍ୟରେ ଜିଲ୍ଲାସ୍ତରୀୟ ପ୍ରାଣୀ ସମ୍ପଦ ମେଳାକୁ ବ୍ଲକ ସ୍ତରୀୟ ମେଳା ପ୍ରଥମେ ଚାଷୀ ହିତରେ ସରକାର କରିଛନ୍ତି ଏଣୁ ଏକ ବିଶାଳ ଚାଷୀ ସମାରୋହ ଆୟୋଜନ କରି ଦୁଗ୍ଧ ଫାର୍ମ, ମାଛ, ପନିପରିବା, ବତକ, ଗୋପାଳନ, ଛତୁ ଇତ୍ୟାଦି ଚାଷ କରୁଥିବା ଚାଷୀଙ୍କ ପାଇଁ ସବସିଡି ଋଣ ବ୍ୟବସ୍ଥା ଉପରେ ଆଲୋକପାତ ଓ ସଚେତନ କରିଥିଲେ । ଏ ଅଞ୍ଚଳରେ ଶିଳ୍ପ ନଥିବାରୁ ନିଯୁକ୍ତି କ୍ଷେତ୍ରରେ ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବାକୁ ପର୍ଯ୍ୟାପ୍ତ ପରିମାଣର ଜଳରାଶି ବିନିଯୋଗ କରି ସରକାରୀ ରିହାତି ଋଣ ମାଧ୍ୟମରେ ଚାଷ କରିବାକୁ ଆହ୍ୱାନ ଦେଇଥିଲେ । ଏହି ସମାରୋହରେ ଜିଲ୍ଲା କୃଷି ଓ ପ୍ରାଣୀ ସମ୍ପଦ ଅଧିକାରୀ ସତ୍ୟାନନ୍ଦ ସାହୁ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରି ପ୍ରଧାନ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରି ତ୍ରିବିକ୍ରମ କୁମୁରା,ପ୍ରାଣୀ ସମ୍ପଦ ଅଧିକାରୀ ସୁବାଷ ଚନ୍ଦ୍ର ସହୂ ଓ ଅନ୍ୟ ଅଧିକାରୀ ହରପ୍ରିୟା ପଢିଆରି, ଡ ତୁଷାର କାନ୍ତ ଗଡ଼ନାୟକ,ବିଜେପି ମଣ୍ଡଳ ସଭାପତି ମନୋଜ କୁମାର ବିଶ୍ୱାଳ, ପ୍ରଲ୍ହାଦ ସାମଲ ଓ ୪ଟି ପଂଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ । ଅଙ୍କିତା ଆରାଧନା ଏହି ମେଳାକୁ ସୁଚାରୁ ରୂପେ ପରିଚାଳନା କରି ଥିଲେ ।

ଢେଙ୍କାନାଳ ମହିଳା ମହାବିଦ୍ୟାଳୟରେ
ଭୋଟର ଅଧିକାର ଓ ଗଣତନ୍ତ୍ରର ମହତ୍ୱ ଉପରେ ସଚେତନତା



ଢେଙ୍କାନାଳ, (ସବ୍ୟୁ) : ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ନାଗରିକ ଦାୟିତ୍ୱ ଏବଂ ଭୋଟଦାନ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗଣ ଭାରତ-ଢେଙ୍କାନାଳ ପକ୍ଷରୁ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ପରିସରରେ ଏକ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଗଣ ଭାରତୟୁଥ୍ ଆଇକନ୍ ଅଭିଷେକ ପଣ୍ଡା ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ "ତୁମର ଭୋଟ୍, ତୁମର ପସନ୍ଦ' ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଭୋଟ କେବଳ ଏକ ଅଧିକାର ନୁହେଁ ବରଂ ଏହା ଜଣେ ଦାୟିତ୍ୱବାନ ନାଗରିକଙ୍କ ଗଣତାନ୍ତ୍ରିକ କର୍ତବ୍ୟ ବୋଲି ସେ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ । ଯୁବପିଢ଼ି ନିଜର ମତଦାନ ଅଧିକାର ସମ୍ପର୍କରେ ଜାଣିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଏଥିସହିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା, ଭୋଟର ପଞ୍ଜିକରଣ, ନିଜର ଭୋଟର ପରିଚୟ ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଛାତ୍ରୀମାନଙ୍କୁ ସରଳ ଭାଷାରେ ବୁଝାଇଥିଲେ ।

ଗଣତନ୍ତ୍ରର ସୁଦୃଢ଼ୀକରଣରେ ଯୁବ ସମାଜର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ଶକୁନ୍ତଳା ଜେନା, ସାମାଜିକ ଗଣମାଧ୍ୟମ ପ

ସାଂସଦଙ୍କ ଜନ୍ମଦିନରେ ଦୀର୍ଘାୟୁ କାମନା କଲେ ମୁଖ୍ୟମନ୍ତ୍ରୀ



ନୀଳଗିରି, (ସବ୍ୟୁ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୭୧ତମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀଳଗିରି ଗସ୍ତରେ ଆସି ପ୍ରତାପ ଷଡଙ୍ଗୀଙ୍କ ଜନ୍ମ ଦିନ ସମାରୋହରେ ଯୋଗ ଦେଇ ଦୀର୍ଘାୟୁ କାମନା କରିଛନ୍ତି । ନୀଳଗିରୀ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ସାଂସଦ ପ୍ରତାପ ଷଡଙ୍ଗୀଙ୍କ ୭୧ତମ ଜନ୍ମ ଦିନ ନୀଳଗିରି ଡାକ ବଙ୍ଗଳା ପରିଷରରେ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର କାଯ୍ୟକ୍ରମ ସାରି ଅପରାହ୍ନ ପ୍ରାୟ ୩ଟାରେ ବାଲେଶ୍ୱରରୁ ସଡ଼କ ପଥରେ ଆସି ନୀଳଗିରି ଡାକ ବଙ୍ଗଳା ପରିସରରେ ପହଞ୍ଚି ସର୍ବ ପ୍ରଥମେ ବିଶାଳ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ପରେ ଆୟୋଜିତ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଜନ୍ମ ଦିନ ମଞ୍ଚକୁ ଯାଇଥିଲେ । ସେଠାରେ ସାରୁପାଳ ସ୍ଥିତ ବେଦ ପୀଠର ଛାତ୍ରମାନେ ବେଦ ପାଠ କରିବା ସହ ଉତ୍ତରୀୟ ପ୍ରଦାନ କରିଥିଲେ ।

ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତାପ ନନାଙ୍କ ୭୧ତମ ଜନ୍ମ ଦିନରେ ଅନେକ ଅନେକ ଶୁଭେଚ୍ଛା ଜଣାଇବା ସହ ଦୀର୍ଘାୟୁ କାମନା କରିଥିଲେ । ଏହି ଅବସରରେ ଉପମୁଖ୍ୟ ପ୍ରଭାତୀ ପରିଡା, ବଡସାହି ବିଧାୟକ ସନାତନ ବିଜୁଳି, ସରକାରୀ ଦଳର ଉପ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଦାସ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖ ମଞ୍ଚାସିନ ରହି ସାଂସଦଙ୍କ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଥିଲେ । ପରେ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଜନ୍ମ ଦିନ ଅବସରରେ ପାଖାପାଖି ଦଶ ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା ।

ବୈଶିଙ୍ଗାରେ ସର୍ବପୁରାତନ କାଳୀପୂଜା ମହୋତ୍ସବ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ଅଞ୍ଚଳରେ ଆରାଧ୍ୟ ଦେବୀ ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଯୋଗୁଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା ।ବିଶେଷକରି ବୈଶିଙ୍ଗା ବଜାର କମିଟି ପକ୍ଷରୁ ଆୟୋଜିତ ୬୭ତମ ସର୍ବପୁରାତନ କାଳୀପୂଜା ମହୋତ୍ସବ ଚଳିତ ବର୍ଷ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା । ଏହି ପୂଜା ଉତ୍ସବ ଜାର କମିଟିର ସଭାପତି କମଳାକାନ୍ତ ପଣ୍ଡା ଓ ସମ୍ପାଦକ ଗଦାଧର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜାକାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ପୂଜା ମଣ୍ଡପର ମନୋରମ ସାଜସଜ୍ଜା, ଆଲୋକମାଳା ଓ ଆକର୍ଷଣୀୟ ତୋରଣ ସାଙ୍ଗକୁ ମା'ଙ୍କ ସୁନ୍ଦର ମୃଣ୍ମୟୀ ପ୍ରତିମା ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା । ପୂଜା ଅବସରରେ ସୋମବାର ଏବଂ ମଙ୍ଗଳବାର ସନ୍ଧ୍ୟାରେ କମିଟି ପକ୍ଷରୁ ଏକ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଓ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା । ଏଥିରେ କମିଟିର କୋଷାଧକ୍ଷ ହରିହର ଦାସଙ୍କ ସମେତ ସଦସ୍ୟ ଜ୍ୟୋତିପ୍ରକାଶ ସାହୁ, ପ୍ରଶାନ୍ତ କୁମାର ନାୟକ, ଜୟନ୍ତ କୁମାର ପରିଡ଼ା, ସଞ୍ଜୟ କୁମାର ପତି, ସତ୍ୟନାରାୟଣ ପଣ୍ଡା, ଉତ୍ସର୍ଗ ବେହେରା, ସତ୍ୟରଞ୍ଜନ ସାହୁ, ଅଜିତ କୁମାର ସେନାପତିଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ ଯୁବକ ବନ୍ଧୁମାନେ କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସହଯୋଗ କରିଥିଲେ ।ବୈଶିଙ୍ଗା ବଜାର ସମେତ ସ୍ଥାନୀୟ ମୋହନପୁର ସ୍ଥିତ ଦଲଦଲି ଛକ, ପଣସିଆ, ଗଡ଼ଦେଉଳିଆ ସମେତ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ମା' କାଳୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଥିଲା ।

ଦୋକାନୀଙ୍କୁ ମାଡ଼ମାରି ଲୁଟିଲେ ବାଣ

ଅସୁରାଳି, (ସବ୍ୟୁ): ଦୀପାବଳି ସନ୍ଧ୍ୟାରେ ଧୂଷୁରୀ ବଜାର ଅଶାନ୍ତ ହୋଇଛି । କେତକ ଯୁବକ ଏକ ବାଣ ଦୋକାନରେ ବାପ ଏବଂ ଦୁଇ ପୁଅଙ୍କୁ ଆକ୍ରମଣ କରି ଗୁରୁତର କରିବା ସହ ଦୋକାନ ଭଙ୍ଗା ରୁଜା କରି ବାଣ,ଟଙ୍କା ଆଦି ନେଇଯିବା ଭଳି ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖା ଦେଇଛି । ଏନେଇ ଧୂଷୁରୀ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି । ସୋମବାର ଶତାଧିକ ଲୋକ ଧୂଷୁରୀ ଥାନାରେ ପହଂଚି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଅଡ଼ି ବସିବା ଘଟଣାକୁ ଭିନ୍ନ ମୋଡ଼ ଦେଇଛି । ଧୂଷୁରୀସ୍ଥିତ ବାସନ୍ତୀ ପଡିଆରେ ନିର୍ମାଣାଧୀନ ପରିବା ମାର୍କେଟରେ ଚଳିତ ବର୍ଷ ଲାଇସେନ୍ସ ପ୍ରାପ୍ତ ଦୋକାନୀମାନେ ବାଣ ବିକ୍ରି କରୁଥିଲେ । ରବିବାର ସନ୍ଧ୍ୟାରେ ଦୋକାନ ଭିଡ଼ ଥିବାବେଳେ ସ୍ଥାନୀୟ ଓଲଟପୁର ଗ୍ରାମର ଜଣେ ଯୁବକ ନସିଂହପୁର ଗ୍ରାମର ବୁଦ୍ଧିରାମ ସାହୁଙ୍କ ବାଣ ଦୋକାନକୁ ଆସି ମାଗଣାରେ ବାଣ ନେବାକୁ ଅଡ଼ି ବସିଥିଲା ।

ଅଧିକ ପରିମାଣରେ ବାଣ ମାଗଣାରେ ଦେବା ପାଇଁ ଦୋକାନୀ ଅରାଜି ହେବାରୁ ସମ୍ପୃକ୍ତ ଯୁବକ ଗଣ୍ଡଗୋଳ କରିଥିଲା । କିଛି ସମୟ ପରେ ସେହି ଯୁବକଙ୍କ ସହ ଆଉ କିଛି ଯୁବକ ଆସି ପୁଣି ଜୋରଜବରଦସ୍ତ ବାଣ ମାଗିଥିଲେ ଏବଂ ଦୋକାନୀଙ୍କ ସହିତ ବଚସା କରି ବୁଦ୍ଧିରାମଙ୍କ ସମେତ ତାଙ୍କ ପୁଅକୁ ମାଡ଼ ମାରି ନଗଦ ଲକ୍ଷାଧିକ ଟଙ୍କା ସହିତ ଅନେକ ବାଣ ଲୁଟ କରି ଫେରାର ହୋଇ ଯାଇଥିଲେ । ଧୂଷୁରୀ ପୁଲିସ ଘଟଣା ସ୍ଥଳରେ ପହଂଚି ଆହତ ବାପ ପୁଅଙ୍କୁ ଡାକ୍ତରଖାନା ପଠାଇ ଥିଲେ । ମଙ୍ଗଳବାର ସକାଳେ ଗ୍ରାମର ଶତାଧିକ ଲୋକ ଏକ ବୈଠକ କରି ଥାନାକୁ ଯାଇ ତୁରନ୍ତ ଅଭିଯୁକ୍ତକୁ ଗିରଫ ଦାବି କରିଛନ୍ତି । ୪୮ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି । ଏନେଇ ଧୂଷୁରୀ ଥାନାରେ ମାମଲା ସଂଖ୍ୟା-୪୮୨/୨୬ ରୁଜୁ କରାଯାଇଛି ।

ପୋଲିସ ବ୍ୟାନରକୁ ନେଇ ବିବାଦ

ଭଦ୍ରକ, (ସବ୍ୟୁ) : ଭଦ୍ରକ ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ପୋଲିସ ଲଗାଇଥିବା ସଚେତନତା ବ୍ୟାନରକୁ ନେଇ ବିବାଦ ଦେଖାଦେଇଛି ।ଭଦ୍ରକ ଟାଉନ ପୋଲିସ ପକ୍ଷରୁ ବାଇପାସ ଛକ,ଚରମ୍ପା ବଜାର ସମେତ ବିଭିନ୍ନ ସ୍ଥାନରେ ଛିନତାଇ ଓ ଚୋରି ରୋକିବା ଉଦ୍ଦେଶ୍ୟରେ ସଚେତନତା ବ୍ୟଯାନର ଲଗାଯାଇଥିଲା । ଏହି ବ୍ୟାନରରେ ଅଭିଯୁକ୍ତଙ୍କ ଫଟୋ ଲଗାଯାଇଥିଲା । ହେଲେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଭଦ୍ରକ ନାଥସାହିର ଆଶିଷ ନାଥ ଅଭିଯୋଗ କରିଛନ୍ତି ଯେ,ତାଙ୍କୁ ବଦନାମ କରିବା ପାଇଁ ବ୍ୟାନରରେ ତାଙ୍କ ଫଟୋ ଲଗାଯାଇଛି । ବିନା ଅନୁମତିରେ ଫଟୋ ଲଗାଇ ବାଇପାସ ସମେତ ବିଭିନ୍ନ ସ୍ଥାନରେ ଲଗାଇ ସୋସିଆଲ ମିଡିଆରେ ଭାଇରାଲ କରି ତାଙ୍କର ସାମାଜିକ ପ୍ରତିଷ୍ଠା ଓ ସମ୍ମାନହାନୀ କରାଯାଉଛି । ତାଙ୍କର ପୂର୍ବରୁ କଲେଜରେ ଏକ ମାମଲା ଥିଲେ ମଧ୍ୟ ଚୋରି ଛିନତାଇ କେସରେ କିପରି ଫଟୋ ଲଗାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ଘଟଣାକୁ ନେଇ ଟାଉନ ଥାନା ସାମ୍ନାରେ ଉତ୍ତେଜନା ଦେଖାଦେଇଥିଲା । ଏହା ପରେ ପୋଲିସ ପକ୍ଷରୁ ବ୍ୟାନର ସବୁ ଖୋଲାଯାଇଛି । ପୋଷ୍ଟର ଖୋଲିବା ପରେ ମଧ୍ୟ କିଛି ଯୁବକ ଟାଉନଥାନାରେ ପାଟିତୁଣ୍ଡ କରିଥିଲେ ।

ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ନାମ ପଞ୍ଜୀକରଣକୁ ସାମ୍ବାଦିକଙ୍କୁ ଆହ୍ୱାନ

କେନ୍ଦୁଝର, (ଜିପ୍ର/ସବ୍ୟୁ): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ରେ ପୂର୍ବରୁ ସାମିଲ ହୋଇନଥିବା ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନଙ୍କଠାରୁ ନୂତନ ଆବେଦନ ଆହ୍ୱାନ କରାଯାଇଛି । ଏଥିପାଇଁ ଅନଲାଇନ ଆବେଦନ ପୋର୍ଟାଲ ଚଳିତ ନଭେମ୍ବର ୯ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଆବେଦନ କରିବାକୁ ଇଚ୍ଛୁକ ଯୋଗ୍ୟ ସାମ୍ବାଦିକମାନେ ବିଭାଗର ନିର୍ଦ୍ଧାରିତ ୱେବ୍ସାଇଟମାଧ୍ୟମରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଜର ଆବେଦନ ଦାଖଲ କରିପାରିବେ । ଏହି ସ୍ୱାସ୍ଥ୍ୟ ବୀମା ଯୋଜନାକୁ ୧ ସେପ୍ଟେମ୍ବର ୨୦୨୬ରୁ ୩୧ ଅଗଷ୍ଟ ୨୦୨୭ ପର୍ଯ୍ୟନ୍ତ ନବୀକରଣ କରାଯାଇଛି । ପୂର୍ବରୁ ଯୋଜନାରେ ସାମିଲ ହୋଇପାରିନଥିବା ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମଧ୍ୟ ଏହାର ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ବିଭାଗ ପକ୍ଷରୁ ନୂତନ ଆବେଦନର ସୁଯୋଗ ଦିଆଯାଇଛି । ପୋର୍ଟାଲ ମାଧ୍ୟମରେ ଦାଖଲ ହେଉଥିବା ଆବେଦନଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନର ସୁପାରିଶ କ୍ରମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବ । ଯାଞ୍ଚ ପରେ ଆବଶ୍ୟକୀୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆବେଦନଗୁଡ଼ିକୁ ବିଭାଗକୁ ପଠାଯିବ । ଏହି ପରିପ୍ରେକ୍ଷୀରେ, କେନ୍ଦୁଝର ଜିଲ୍ଲାର ସମସ୍ତ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକ ଏହି ସୁଯୋଗର ସଦୁପଯୋଗ କରି ନଭେମ୍ବର ୩୦ ତାରିଖ ପୂର୍ବରୁ ଅନଲାଇନରେ ନିଜର ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରାଯାଇଛି ।

ରୋଭର୍ସ କ୍ଲବର ବାର୍ଷିକ ସମାରୋହ



ଭଦ୍ରକ,(ସବ୍ୟୁ): ଭଦ୍ରକ ପୁରୁଣା ବଜାର ସ୍ଥିତ ରୋଭର୍ସ କ୍ଲବର ୬୬ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସମାରୋହ ଉଦଯାପିତ ହୋଇଯାଇଛି । ଆଲୋକର ପର୍ବ ଦୀପାବଳି ସନ୍ଧ୍ୟାରେ କ୍ଲବର ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । କ୍ଲବର ସଭାପତି ହରି ନନ୍ଦୀଙ୍କ ସଭାପତିତ୍ୱ ଓ ସମାଜସେବୀ ସୁଧାକର ରାଉତଙ୍କ ସହଯୋଗରେ ଆରମ୍ଭହୋଇଥିଲା । ସମ୍ପାଦକ ହାଜି ଅବୁ ହୋସେନ ଖାନ ବାର୍ଷିକ ସୂଚନାକୁ ଆଲୋକପାତ କରିଥିଲେ ଏବଂ ସଂଚାଳକ ଭାବେ ମାଷ୍ଟର କବି ମୁସ୍ତାକ ଗୌହର ଦାୟିତ୍ୱ ତୁଲାଇଥିଲେ । ରୋଭର୍ସ କ୍ଲବର ପୁରାତନ ସଭ୍ୟ ତଥା ଫେଲୋସିପର ସମ୍ପାଦକ ଫାରୁକ ବାବୁଙ୍କୁ ଅଜୀବନ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ପ୍ରତିଷ୍ଠା ସମାରୋହରେ ମୁଖ୍ୟଅତିଥି ଭାବେ ପୁରୁଣାବଜାର ଥାନା ଅଧିକାରୀ ସୁଶାନ୍ତ ସାହୁ,ସମ୍ମାନିତ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି,ଲାଏନ୍ସ କ୍ଲବର ସଭଯ ଅଶୋକ ମହାନ୍ତି,ବିଦ୍ୟାଧର ସାହୁ,ଅମିତାବାଳା ଆଚାର୍ଯ୍ୟ,ହାଜି ଅବଦୁଲ ମୁକିତ ଖାନ,ଅସରଫ ଅଲି ଖାନ,ଅବୁ ସୁଫିଆନ ଖାନ,ଶଶିଭୂଷଣ ପଣ୍ଡା ପ୍ରମୁଖ ଯୋଗଦାନ କରି ଖେଳ,ଖେଳାଳି ଓ ଭାଇଚାରା ଉପରେ ଆଲୋକପାତ କରିଥିଲେ । ଏହି ପ୍ରତିଷ୍ଠା ସମାରୋହକୁ କ୍ଲବର ଅଫିସ ସମ୍ପାଦକ ମିର୍ଜା ଇଜାଜ ବେଗ,ମିର ସମୀର,ଶେଖ ଜୁଲଫୁକାର,ଶେଖ ଦିଲୱର ଅଲି ଓ ଶେଖ ସଲିମ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

ଲକ୍ଷାଧିକ ଟଙ୍କା ସହ ସୁନାରୂପା ଗହଣା ଚୋରି

ସୋର, (ସବ୍ୟୁ) : ସୋର ପୌରପାଳିକା ଅନ୍ତର୍ଗତ ଖରିଦା ଛକ ନିକଟରେ ଏକ ଭଡା ଘରୁ ରବିବାର ବିଳମ୍ବିତ ରାତିରେ ନଗଦ ଟଙ୍କା ସହ ସୁନା ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ଅନନ୍ତପୁର ଥାନା ମୁକ୍ତେଶ୍ୱରପୁର ଗ୍ରାମର ପଦ୍ମଲୋଚନ ପରିଡା ବରଫକଳ ଛକରେ ମୁକ୍ତେଶ୍ୱର ଏଣ୍ଟରପ୍ରାଇଜେସ ନାମରେ ଟାଇଲସ ଏବଂ ମାର୍ବଲ କରି ଏଠାରେ ତିଲୋତ୍ତମା ପଣ୍ଡାଙ୍କ ଘରେ ପରିବାର ସହିତ ଭଡାରେ ରହୁଛନ୍ତି ।ଗତ ରବିବାର ଦୀପାବଳି ଥିବାରୁ ପଦ୍ମଲୋଚନ ତାଙ୍କ ସ୍ତ୍ରୀ ପିଲାଙ୍କୁ ତାଙ୍କ ଗ୍ରାମରେ ଛା ଦେଇ ପୁରୀ ବୁଲିବାକୁ ଯାଇଥିଲେ ।ସୋମବାର ବିଳମ୍ବିତ ରାତିରେ ପଦ୍ମଲୋଚନ ପୁରୀରୁ ଫେରି ଘର ଗ୍ରିଲ ଚାବି ଭାଙ୍ଗି ଗଡ଼ରେଜ ଚାବି ଭାଙ୍ଗି ଚୋର ମାନେ ନଗଦ ୧୦ ଲକ୍ଷ ୫୦ ହଜାର ଟଙ୍କା ସହ ସୁନା ନେକଲେସ ୧ ଟି, ସୁନା ଚେନ ଦୁଇଟି, ସୁନା ମୁଦି ୪ ଟି, ରୁପା ବାସନ ସହ ୧ କେଜିରୁ ଉର୍ଦ୍ଧ୍ୱ ଓଜନର ରୁପା ଅଳଙ୍କାର ଚୋରି ହୋଇଥିବା ଜାଣିପାରି ସୋର ପୁଲିସକୁ ଖବର ଦେଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିଲା । ପଦ୍ମଲୋଚନ ଏ ବାବଦରେ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

ବିଶ୍ୱ ଉର୍ଦ୍ଦୁ ଦିବସ, ମୁଶାଏରା ଉଦ୍‌ଯାପିତ



ଭଦ୍ରକ, (ସବ୍ୟୁ): ଭଦ୍ରକ ପୁରୁଣା ବଜାର ସ୍ଥିତ ମଦିନା ମଇଦାନ ଠାରେ ୯ତାରିଖ ସୋମବାର ରାତ୍ରିରେ ସାନ ସରକାର ବାବା ତିଆରି କରିଥିବା କମିଟି ତଥା ଭଦ୍ରକ ମାଟିର ଏକମାତ୍ର ଉର୍ଦ୍ଦୁ ସାହିତ୍ୟ ସଂଗଠନ ଅଦବି ମର୍କଜ ଆନୁକୂଲ୍ୟରୁ ବିଶ୍ୱ ଉର୍ଦ୍ଦୁ ଦିବସ ଉପଲକ୍ଷେ ଏକ ମୁଶାଏରା ଅନୁଷ୍ଠିତ ହୋଇଯାଇଛି । ପ୍ରସିଦ୍ଧ କବି ମହମ୍ମଦ ଇକବାଲଙ୍କ ଜନ୍ମଦିନରେ ଏହି ଉତ୍ସବ ସାରା ବିଶ୍ୱରେ ପାଳନ କରାଯାଇଥିଲା । ଅଲ୍ଲାମା ମହମ୍ମଦ ଇକବାଲ ୯ନଭେମ୍ବର ୧୮୭୭ରେ ପଞ୍ଜାବ ପ୍ରଦେଶର ସିଆଲକୋଟ ଠାରେ ତାଙ୍କର ଜନ୍ମ ହୋଇଥିଲା । ଜନ୍ମ ପରଠୁ ହଜାର ହଜାର ରଚିୟୀତା କବିତା ଗୀତ ଲେଖା ଭିତରେ ୧୯୦୪ ମସିହାରେ ସାରେ ଯାହାଁ ସେ ଆଛା-ହିନ୍ଦୁସ୍ତାନ ହମାରା ହମାରା ଗୀତ ଲେଖିଥିଲେ ତାହା ଆଜି ସାରା ବିଶ୍ୱରେ ପ୍ରସିଦ୍ଧ ହୋଇ ରହିଛି । ୨୧ଏପ୍ରିଲ ୧୯୩୮ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା ଏବଂ ତାଙ୍କ କଥା,କାର୍ଯ୍ୟକୁ ସମ୍ମାନ ଜଣାଇ ଆଜି ସାରା ବିଶ୍ୱରେ ମନେ କରାଯାଉଛି । ଆଜି ସେହି ବିଶ୍ୱ ମହାନ ବ୍ୟକ୍ତି ପାଇଁ ଉର୍ଦ୍ଦୁ ଦିବସ ପାଳନ ହୁଏ । କଲିକତାର କବି ତନବିର ମକଫିଙ୍କ ସଭାପତିରେ ମୁଶାଏରା ଅନୁଷ୍ଠିତ ହୋଇଥିଲା । ଏହି ଅନୁଷ୍ଠିତ ମୁଶାଏରାରେ ମୁଖ୍ୟଅତିଥି ଭାବେ ଭଦ୍ରକ ପୌରପାଳିକାର ପୌରାଧକ୍ଷଓ ଗୁଲମଙ୍କୀ ଦଲୱାଜି ହବିବ,ସମ୍ମାନିତ ଅତିଥି ଭାବେ ପ୍ରଫେସର ନାଶିର ବକ୍ସ,ପୂର୍ବତନ ପାରିଷଦ ଅସରଫ ଅଲି ଖାନ ଓ ହାଜି ଅବୁ ହୋସେନ ଖାନ ପ୍ରମୁଖ ଯୋଗଦାନ କରିଥିଲେ । ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମୁଶାଏରାରେ ସଂଚାଳକ ଭାବେ ମାଷ୍ଟର ତଥା କବି ମୁସ୍ତାକ ଗୌହର ଦାୟିତ୍ୱ ତୁଲାଇ ଥିଲେ । ଏହି ମୁଶାଏରାରେ ଜାମସେଦପୁରର କବି ଆମିର ଆତ,କଲିକତାର କବି ସାଜିଦ ଅଖତର,ମୋଇନ ସଫକ,ତୌଫିକ ସାଗର,ଅବଦୁଲ ଦୟାନ ଜିଆ,ମୁଖତାର ନସୀମ,ଅଲିମୁଦ୍ଦିନ ବେକସ,ଆରିଫ ଜନ୍ତି,ସୋଫିଆ ଖାନମ,ସହାବାଜ ସାଦାଫ,ସାଦବ ଅଜିଜ,ସୋଏବ ଆୟାଜ,ମିନହାଜ ନୁରୀ,କୌଶର ନସୀମ,ସବାବ କାଦରୀ ଓ ସଜ୍ଜାତ ହସରତ ପ୍ରମୁଖ କବି ଯୋଗଦାନ କରି ବିଶ୍ୱ ଉର୍ଦ୍ଦୁ ଦିବସ ପାଳନ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଗିରଫଦାରୀକୁ ନିନ୍ଦା

ବାଲେଶ୍ୱର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବାଲେଶ୍ୱର ଗସ୍ତ ପୂର୍ବରୁ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ବାଙ୍କନିଧି ବେହେରା ତଥା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ପ୍ରତୀକ ସାହୁ ଏବଂ ତୁଷାରକାନ୍ତି ତପସ୍ୱୀଙ୍କୁ କଂଗ୍ରେସ ଅଫିସରୁ ପୋଲିସ ଗିରଫ କରିବା ଘଟଣା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରତିବାଦ ଆମର ଅଧିକାର, ଗଣତନ୍ତ୍ର ଆମର ସାମ୍ବିଧାନିକ ଶକ୍ତି । ବିଧାନ ଚନ୍ଦ୍ର ଜେନା,ସଭାପତି, ବାଲେଶ୍ୱର ଜିଲ୍ଲା କଂଗ୍ରେସ ଅନୁସୂଚିତ ବିଭାଗ, ଆଶିଷ ପଟ୍ଟନାୟକ,ସଭାପତି, ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଙ୍ଗଠନ, ଏସ କେ ସରିଫ୍ ମହମ୍ମଦ(ଭୋଳା), ସାଧାରଣ ସଂପାଦକ, ରାଜ୍ୟସଂଖ୍ୟାଲଘୁ ବିଭାଗ,ଏସ କେ ଅଙ୍ଗଗର ଅଲ୍ଲି ,ଜିଲ୍ଲା ସଭାପତି ସଂଖ୍ୟାଲଘୁ ବିଭାଗ, ଜିଲ୍ଲା କଂଗ୍ରେସ କମିଟିର ସଧାରଣ ସମ୍ପାଦକ ଦେବଦତ୍ତ ଦାସ ଓ ପଶୁପତି ଉପାଧ୍ୟାୟ ଏବଂ ଜିଲ୍ଲା ସଭାପତି ସମବାୟ ପ୍ରକୋଷ୍ଠ ନିରଞ୍ଜନ ବେହେରା ପ୍ରମୁଖ ଗିରଫଦାରୀ ଘଟଣାର ନିନ୍ଦା କରିଛନ୍ତି ।

ଘରଭଡା ଆଦାୟକୁ ନେଇ ମହିଳାଙ୍କୁ ନିସ୍ତୁକ ମାଡ

ଖଇରା,(ସବ୍ୟୁ): ଭଡା ଆଦାୟକୁ କେନ୍ଦ୍ର କରି ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରକୋଣା ଗ୍ରାମର ସ୍ୱର୍ଗତ ନିଶାକର ଦାସଙ୍କ ସ୍ତ୍ରୀ ଲାବନଯ ଦାସଙ୍କୁ ମାଡ ମାରି ଆହତ କରିବା ଅଭିଯୋଗରେ ଖଇରା ପୋଲିସ ତାଙ୍କ ସାନଭାଇ ରାମକୃଷ୍ଣ ଏବଂ ରାମକୃଷ୍ଣଙ୍କ ପତ୍ନୀ ନିବେଦିତାଙ୍କ ନାମରେ ଏକ ମାମଲା(୩୦୫/୨୬) ରୁଜୁ କରିଛନ୍ତି । ଲାବଣଯ ୨୨ବର୍ଷ ତଳେ ପୁରୁଷୋତ୍ତମ ମୌଜାରେ ଏକ ଜମି କିଣିଥିଲେ । କବଲାରେ ନିଜ ନାମ ସହ ୨ସାନଭାଇ ଙ

ସମ୍ପାଦକୀୟ

ହଜାରେ ଟଙ୍କାର ସର୍ବନିମ୍ନ ପେନ୍‌ସନ!

ଭବିଷ୍ୟନିଧି ବୀମା ଯୋଜନା ଅନ୍ତର୍ଗତ କର୍ମଚାରୀ ପେନସନ ସ୍କିମରେ (ଇପିଏସ୍‌-୯୫) ଯେଉଁ ସର୍ବନିମ୍ନ ପେନସନ ମାତ୍ର ହଜାରେ ଟଙ୍କା ମିଳୁଛି। ଆମ ସ୍ୱାଧୀନତାର ୮୦ ବର୍ଷରେ ସେ କଥା ଭାବିବା ବେଳକୁ ଖୁବ୍ ଖରାପ ଲାଗୁଛି। ଆଶା କରାଯାଉଥିଲା, ନୂତନ ଚିନ୍ତାଧାରା ନେଇ ଏବଂ ଜନକଲ୍ୟାଣ ପାଇଁ ଆସିଥିବା ନରେନ୍ଦ୍ର ମୋଦିଙ୍କ ସରକାର ବିଗତ ବାରବର୍ଷ ମଧ୍ୟରେ ଏହି ସର୍ବନିମ୍ନ ପେନ୍‌ସନକୁ ହଜାରେ ଟଙ୍କାରୁ ଅନ୍ତତଃପକ୍ଷେ ୭,୫୦୦ ଟଙ୍କାକୁ ବୃଦ୍ଧି କରିବେ। ମାତ୍ର ତାହା ସମ୍ଭବ ହୋଇନାହିଁ। ହେବାର ସମ୍ଭାବନା ମଧ୍ୟ ଦିଶୁ ନାହିଁ। ଏଥି ସହିତ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କୁ ପେନସନରେ ମିଳୁଥିବା ଭତ୍ତା (ଡିଏ) ପ୍ରଭୃତି ସଂଯୁକ୍ତ ହୋଇଥିଲେ, ବୃଦ୍ଧାବସ୍ଥାରେ ଦୟନୀୟ ଅବସ୍ଥାରେ ଥିବା ଅନେକ ପେନସନଭୋଗୀ ଅନ୍ତତଃ ଔଷଧପତ୍ର ଖାଇ ଟିକେ ସହଜ ଜୀବନଯାପନ କରିଥାନ୍ତେ। ମାତ୍ର ୮୨ ଲକ୍ଷାଧିକ ପେନ୍‌ସନଭୋଗୀ ଏବେ ରୋଗ ପ୍ରପୀଡ଼ିତ। ନିଜ ପେନସନ ଅର୍ଥରେ ଚଳିପାରୁ ନାହାନ୍ତି। ଔଷଧ ମଧ୍ୟ ସେଥିରୁ କ୍ରୟ କରିବାକୁ ପଡୁଛି। ଇପିଏଫ ପେନସନ-୯୫କୁ ଏବେ ଇପିଏଫ ପେନସନ ୨୦୨୬ କରାଯାଇଛି। ଅନେକ ଅର୍ଦ୍ଧ ସରକାରୀ ସଂସ୍ଥା, ନିଗମ ସମେତ ସମ୍ବାଦପତ୍ର, ସମ୍ବାଦ ସରବରାହ ସଂସ୍ଥା, ଛୋଟ ଛୋଟ ଘରୋଇ ଶିଳ୍ପ କାରଖାନାର କର୍ମଚାରୀ ଓ ଅଧିକାରୀମାନେ ଏହି ସର୍ବନିମ୍ନ ପେନ୍‌ସନ ପାଇ ଆସୁଛନ୍ତି। ଏମାନେ ଆର୍ଥିକ ସହାୟତା ପାଇଁ ସେମାନଙ୍କ ପିଲାମାନଙ୍କ ଉପରେ ନିର୍ଭର କରିଆସୁଛନ୍ତି।

> **ଦୁଃଖର କଥା, ଅତୀତରେ ଶ୍ରମ ବିଭାଗର ପାର୍ଲିଆମେଣ୍ଟ ଷ୍ଟାଣ୍ଡିଂ କମିଟି ଏ ବିଷୟରେ ଅନୁଧ୍ୟାନ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲେ ମଧ୍ୟ କେନ୍ଦ୍ର ସରକାର ତାହାକୁ ସାର୍ବଜନୀନ କରି ନାହାନ୍ତି ବା ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଅପରପକ୍ଷରେ ଯେଉଁମାନେ ଲୋକ ପ୍ରତିନିଧି, ସେମାନେ ତ ଭଲ ପେନସନ ଓ ଏକାଧିକ ପେନସନ ପାଇପାରୁଛନ୍ତି, ସେମାନେ ମାସିକ ହଜାର ଟଙ୍କା ପେନସନ ପାଉଥିବା ବ୍ୟକ୍ତିଙ୍କର ଦୁଃଖକୁ ସହଜରେ ହୃଦୟଙ୍ଗମ କରିପାରନ୍ତି ନାହିଁ ।**

ଉଲ୍ଲେଖନୀୟ ଯେ ଶ୍ରମ ମନ୍ତ୍ରାଳୟ ସଂଶୋଧିତ ମଜୁରି ସୀମାରେଖାକୁ ମାସିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ରଖିଛନ୍ତି। ଗତ ତା ୨୫.୯.୨୦୨୬ରେ ଇପିଏଫ ସ୍କିମ୍ ୨୦୨୬ ଅନୁଯାୟୀ ଏପରି ସଂଶୋଧନ କରାଯାଇଛି। ଫଳରେ ଏକ ନୂତନ ଗୋଷ୍ଠୀଙ୍କୁ ଏହି ପେନସନ ସ୍କିମରେ ସଦସ୍ୟ ହେବାକୁ ସୁଯୋଗ ଦିଆଯାଇଛି।

ସେହିପରି ବିଭ୍ରାନ୍ତିକର ଭାବେ ଅଧିକତର ପେନସନ ପାଇଁ ହାୟର ପେନସନ ସ୍କିମ କରାଯାଇଛି। ମାତ୍ର ସେଥିରେ ଆବେଦନ କରିଥିବା ଅନେକ ପେନସନ ଭୋଗୀଙ୍କର କୌଣସି ପ୍ରମାଣ ମିଳୁନାହିଁ। ଲକ୍ଷ ଲକ୍ଷ ସଂଖ୍ୟାରେ ଆସିଥିବା ଆବେଦନପତ୍ରକୁ ସମ୍ଭାଳିବା ମଧ୍ୟ କଷ୍ଟ। ଆଉ କେହି କେହି ଆବେଦନ କରି ପାରିନାହାନ୍ତି।

ଇପିଏଫଏସ ବାବଦରେ ମଧ୍ୟ ଅନେକ ପେନସନଭୋଗୀ ସେମାନଙ୍କର ପେନସନ ବା ଅନ୍ୟାନ୍ୟ ପ୍ରାପ୍ୟ ନେଇପାରି ନାହାନ୍ତି। ସେମାନେ ଜଟିଳ ଏହି ଆଇନ ବା ନିୟମକାନୁନ ବିଷୟରେ କିଛି ଜାଣିପାରନ୍ତି ନାହିଁ। ସେମାନଙ୍କୁ ସଚେତନ କରାଯିବା ବିଷୟରେ ରାଜ୍ୟ ସରକାର ବା ଇପିଏଫ ଆଞ୍ଚଳିକ କେନ୍ଦ୍ରମାନଙ୍କରେ ସେପରି ଆଖିଦୃଶିଆ ବ୍ୟବସ୍ଥା ହୋଇପାରି ନାହିଁ। ଇତିମଧ୍ୟରେ ଅନେକ ପେନସନଭୋଗୀ ସେମାନଙ୍କ ପ୍ରାପ୍ୟ ପାଇ ନ ପାରି ଆଖିବୁଜି ଦେଲେଣି।

ଦୁଃଖର କଥା, ଅତୀତରେ ଶ୍ରମ ବିଭାଗର ପାର୍ଲିଆମେଣ୍ଟ ଷ୍ଟାଣ୍ଡିଂ କମିଟି ଏ ବିଷୟରେ ଅନୁଧ୍ୟାନ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲେ ମଧ୍ୟ କେନ୍ଦ୍ର ସରକାର ତାହାକୁ ସାର୍ବଜନୀନ କରି ନାହାନ୍ତି ବା ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଅପରପକ୍ଷରେ ଯେଉଁମାନେ ଲୋକ ପ୍ରତିନିଧି, ସେମାନେ ତ ଭଲ ପେନସନ ଓ ଏକାଧିକ ପେନସନ ପାଇପାରୁଛନ୍ତି, ସେମାନେ ମାସିକ ହଜାର ଟଙ୍କା ପେନସନ ପାଉଥିବା ବ୍ୟକ୍ତିଙ୍କର ଦୁଃଖକୁ ସହଜରେ ହୃଦୟଙ୍ଗମ କରିପାରନ୍ତି ନାହିଁ। ସେହିପରି ବିଭିନ୍ନ ସଂଘ ଗଠନ କରି ପେନସନ ଭୋଗୀମାନଙ୍କୁ ଏକାଠି କରି ସେମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉଛି ବୋଲି ମଧ୍ୟ ଅଭିଯୋଗମାନ ହେଉଛି। ଫଳରେ କୌଣସି ସରକାର ବା ଆଞ୍ଚଳିକ ଭବିଷ୍ୟନିଧି ସଂସ୍ଥା ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ବିଷୟରେ ମଧ୍ୟ ଅଭିଯୋଗ ହେଉଛି। ଏହା ବ୍ୟତୀତ ଅଦାଲତରେ ମଧ୍ୟ ଏ ସଂକ୍ରାନ୍ତରେ ଅନେକ ମାମଲା ପଡ଼ିରହିଛି। ଏସବୁ କାରଣରୁ ସମ୍ଭବତଃ ପେନସନ ବୃଦ୍ଧି ପାଇଁ ସରକାର ବିଶେଷ ଭାବେ ମନଧ୍ୟାନ ଦେଉନଥିବା କୁହାଯାଉଛି। ତେଣୁ ପେନସନ ଭୋଗୀ ସଂଘଗୁଡ଼ିକ ପ୍ରକୃତରେ ଭାବିଚିନ୍ତି କାର୍ଯ୍ୟ କରିବା ଉଚିତ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

କାର୍ଯ୍ୟକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ, ନ୍ୟାୟ ଓ ସମାନତା



ମଧୁସୂଦନ ମିଶ୍ର

ଆଜିର ପରିବର୍ତ୍ତନଶୀଳ ବିଶ୍ୱରେ କାର୍ଯ୍ୟକ୍ଷେତ୍ରରେ ସମାନତା ଓ ନ୍ୟାୟର ପ୍ରଶ୍ନ କେବଳ ଏକ ସାମାଜିକ ଆଲୋଚନାର ବିଷୟ ନୁହେଁ ଏହା ଉତ୍ତମ ପ୍ରଶାସନ, ଆଧୁନିକ ପରିଚାଳନା ଏବଂ ସ୍ଥାୟୀ ଆର୍ଥିକ ବିକାଶର ଏକ ଅବିଚ୍ଛେଦ୍ୟ ଅଂଶ । ସରକାରୀ ସଂସ୍ଥାଠାରୁ ଆରମ୍ଭ କରି ବହୁରାଷ୍ଟ୍ରୀୟ କମ୍ପାନୀ ପର୍ଯ୍ୟନ୍ତ ଅନେକ ପ୍ରତିଷ୍ଠାନ ନିଜ କର୍ମଚାରୀଙ୍କ ମଧ୍ୟରେ ମହିଳା ଓ ପୁରୁଷଙ୍କ ଅନୁପାତକୁ ସମାନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହା ଏକ ସକାରାତ୍ମକ ପଦକ୍ଷେପ । କିନ୍ତୁ କେବଳ ନିଯୁକ୍ତି ସଂଖ୍ୟାରେ ସମାନତା ଆସିଗଲେ କୌଣସି କାର୍ଯ୍ୟକ୍ଷେତ୍ର ପ୍ରକୃତରେ ନ୍ୟାୟପୂର୍ଣ୍ଣ ହୋଇଯାଏ ନାହିଁ । ପ୍ରକୃତ ସମାନତାର ଅର୍ଥ ହେଉଛି ପ୍ରତ୍ୟେକ କର୍ମଚାରୀଙ୍କୁ ସମ୍ମାନ, ନ୍ୟାୟସଙ୍ଗତ ପାରିଶ୍ରମିକ, ଦକ୍ଷତା ପ୍ରଦର୍ଶନର ସୁଯୋଗ ଏବଂ ନିଜ ପେସାଗତ ଜୀବନରେ ଆଗକୁ ବଢ଼ିବାର ସମାନ ଅଧିକାର ପ୍ରଦାନ କରିବା । ଏକ ପ୍ରତିଷ୍ଠାନରେ ଯଦି ମହିଳା ଓ ପୁରୁଷଙ୍କୁ ସମାନ ସଂଖ୍ୟାରେ ନିଯୁକ୍ତି ଦିଆଯାଏ, କିନ୍ତୁ ଉଚ୍ଚ ପଦବୀ, ନୀତି ନିର୍ଦ୍ଧାରଣ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ପୁରୁଷଙ୍କ ପ୍ରାଧାନ୍ୟ ରହେ, ତେବେ ସେହି ସମାନତା ଅଧୁରା ରହିଯାଏ । ଅନ୍ୟପକ୍ଷରେ, କୌଣସି ବିଭାଗରେ ମହିଳା କିମ୍ବା ପୁରୁଷଙ୍କ ସଂଖ୍ୟା ଅଧିକ ରହିବା ମାତ୍ରକେ ତାହାକୁ ଭେଦଭାବର ପ୍ରମାଣ ବୋଲି କୁହାଯାଇପାରିବ ନାହିଁ । ବିଷୟ ଚୟନ, ବୈଷୟିକ ପ୍ରଶିକ୍ଷଣ, ବୃତ୍ତିଗତ ଆଗ୍ରହ ଏବଂ ବ୍ୟକ୍ତିଗତ ପରିସ୍ଥିତି ମଧ୍ୟ କର୍ମଚାରୀଙ୍କ ବଣ୍ଟନକୁ ପ୍ରଭାବିତ କରେ । ତେଣୁ ପ୍ରକୃତ ପ୍ରଶ୍ନ ହେଉଛି-ସମସ୍ତଙ୍କୁ ନିଜ ଯୋଗ୍ୟତା ଓ ଦକ୍ଷତା ଅନୁସାରେ ଆଗକୁ ବଢ଼ିବାର ନିରପେକ୍ଷ ସୁଯୋଗ ମିଳୁଛି କି ନାହିଁ ।

ସଂଖ୍ୟାର ସମାନତା ଓ ସୁଯୋଗର ସମାନତା

ବିଶ୍ୱର ବିଭିନ୍ନ ଦେଶର ଅଭିଜ୍ଞତା ଏହି ତଥ୍ୟକୁ ସ୍ପଷ୍ଟ କରେ ଯେ କେବଳ ନିଯୁକ୍ତି ନୀତିରେ ସଂଶୋଧନ ଆଣିଲେ ଦୀର୍ଘକାଳୀନ ଅସମାନତା ଦୂର ହୁଏ ନାହିଁ । ୟୁରୋପର କେତେକ ପ୍ରଯୁକ୍ତିଭିତ୍ତିକ ପ୍ରତିଷ୍ଠାନରେ ମହିଳାଙ୍କ ନିଯୁକ୍ତି ବୃଦ୍ଧି ପାଇଥିଲେ ମଧ୍ୟ ବରିଷ୍ଠ ବୈଷୟିକ ଓ ନିର୍ବାହୀ ପଦବୀରେ ସେମାନଙ୍କ ପ୍ରତିନିଧିତ୍ୱ ଆଶାନୁରୂପ ହୋଇନାହିଁ । ପୂର୍ବ ଏସିଆର କେତେକ କର୍ପୋରେଟ୍ ପ୍ରତିଷ୍ଠାନରେ ମହିଳାଙ୍କ ନିଯୁକ୍ତି ବଢ଼ିଥିଲେ ମଧ୍ୟ ଅନେକ ସମୟରେ ସେମାନଙ୍କୁ ନିୟମିତ ଦପ୍ତରୀ କାର୍ଯ୍ୟରେ ସୀମିତ ରଖାଯାଏ ଅପରପକ୍ଷରେ, ପୁରୁଷ କର୍ମଚାରୀଙ୍କୁ ଅଧିକ ଦୃଶ୍ୟମାନ ଓ ପଦୋନ୍ନତି ପାଇଁ ସହାୟକ ପ୍ରକଳ୍ପର ଦାୟିତ୍ୱ ଦିଆଯାଏ । ଏହାର ପରିଣାମରେ ଯୋଗ୍ୟତା ଥିଲେ ମଧ୍ୟ ଅନେକ ମହିଳା ନେତୃତ୍ୱର ଦ୍ୱାରଦେଶରେ ପହଞ୍ଚିପାରନ୍ତି ନାହିଁ ।

ଏହି ସମସ୍ୟାର ମୂଳରେ ରହିଛି ପ୍ରତିଷ୍ଠାନଗତ ମାନସିକତା, ଅଦୃଶ୍ୟ ପକ୍ଷପାତ ଏବଂ ସୁଯୋଗ ବଣ୍ଟନରେ ଅସ୍ୱଚ୍ଛତା । ଯେତେବେଳେ କୌଣସି କର୍ମଚାରୀଙ୍କ ଦକ୍ଷତା ପରିବର୍ତ୍ତେ ତାଙ୍କ ଲିଙ୍ଗ, ପାରିବାରିକ ଦାୟିତ୍ୱ କିମ୍ବା ପାରମ୍ପରିକ ଧାରଣାକୁ ବିଚାରର ଆଧାର କରାଯାଏ, ସେତେବେଳେ ସମାନତାର ମୂଳ ଉଦ୍ଦେଶ୍ୟ ବିଫଳ ହୁଏ ।

ଭାରତରେ ଶିକ୍ଷାର ଅଗ୍ରଗତି ଓ ନିଯୁକ୍ତିର ଆହ୍ୱାନ

ଭାରତରେ ମହିଳା ଶିକ୍ଷାର ବିସ୍ତାର ଏକ ଉଲ୍ଲେଖନୀୟ ସାମାଜିକ ପରିବର୍ତ୍ତନ । ଉଚ୍ଚଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି, ଚିକିତ୍ସା ଓ ପରିଚାଳନା କ୍ଷେତ୍ରରେ ମହିଳାମାନେ ନିଜ ଦକ୍ଷତାର ପ୍ରମାଣ ଦେଉଛନ୍ତି । ତଥାପି ଶିକ୍ଷାଗତ ସଫଳତା ସବୁବେଳେ ସ୍ଥାୟୀ ନିଯୁକ୍ତି, ଆର୍ଥିକ ସ୍ୱାଧୀନତା ଓ ଉଚ୍ଚ ପଦବୀରେ ପ୍ରତିନିଧିତ୍ୱରେ ପରିଣତ ହୋଇପାରୁନାହିଁ । ଏହା କେବଳ ବ୍ୟକ୍ତିଗତ ସମସ୍ୟା ନୁହେଁ ଏହା ମାନବ ସମ୍ବଳର ଅପୂର୍ଣ୍ଣ ବ୍ୟବହାର ଓ ଜାତୀୟ ବିକାଶ ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ।

ଭାରତର ମାତୃତ୍ୱ ଲାଭ ଆଇନରେ ୨୦୧୭ ମସିହାର ସଂଶୋଧନ ମହିଳା କର୍ମଚାରୀଙ୍କ ପାଇଁ ଦେୟ ମାତୃତ୍ୱ ଛୁଟିକୁ ୨୬ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା । ଏବଂ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ଶିଶୁ ଯତ୍ନ କେନ୍ଦ୍ର ବା କ୍ରେଚ୍ ସୁବିଧାର ବ୍ୟବସ୍ଥା କରିଥିଲା । ଏହା ମାତୃତ୍ୱ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏକ ଆବଶ୍ୟକ ପଦକ୍ଷେପ । କିନ୍ତୁ ଏହାର ଆର୍ଥିକ ଦାୟିତ୍ୱ ଯଦି କେବଳ ନିଯୁକ୍ତିଦାତାଙ୍କ ଉପରେ ରହେ ଏବଂ ଉପଯୁକ୍ତ ସହାୟକ ବ୍ୟବସ୍ଥା ନଥାଏ, ତେବେ କେତେକ ନିଯୁକ୍ତିଦାତା ମହିଳାଙ୍କ ନିଯୁକ୍ତିକୁ ନେଇ ଅନାବଶ୍ୟକ ଦ୍ୱିଧାରେ ପଡ଼ିପାରନ୍ତି । ଏପରି ପରିସ୍ଥିତି ରୋକିବା ପାଇଁ ଆଇନର କାର୍ଯ୍ୟକାରିତା ସହିତ ନିଯୁକ୍ତିଦାତାଙ୍କ ଦାୟିତ୍ୱବୋଧ, ଶିଶୁ ଯତ୍ନ ସୁବିଧା ଏବଂ ଅଭିଭାବକଙ୍କ ପାଇଁ ସହାୟକ ନୀତି ମଧ୍ୟ ଆବଶ୍ୟକ ।

ଏହା ସହିତ, ଘରୋଇ ଦାୟିତ୍ୱର ଅସମାନ ବଣ୍ଟନ ଏକ ବଡ଼ ପ୍ରତିବନ୍ଧକ । ଭାରତର ସମୟ ବ୍ୟବହାର ସର୍ବେକ୍ଷଣଗୁଡ଼ିକ ଦର୍ଶାଇଛି ଯେ ମହିଳାମାନେ ପୁରୁଷଙ୍କ ତୁଳନାରେ ଅଧିକ ସମୟ ଅବୈତନିକ ଘରୋଇ କାର୍ଯ୍ୟ ଓ ଯତ୍ନଦାନରେ ବ୍ୟୟ କରନ୍ତି । ଏହି ଅଦୃଶ୍ୟ ଶ୍ରମ ଅନେକ ମହିଳାଙ୍କ ପାଇଁ ନିଯୁକ୍ତି ଜାରି ରଖିବା, ଦକ୍ଷତା ବିକାଶ କରିବା ଏବଂ ଉଚ୍ଚ ପଦବୀ ପାଇଁ ପ୍ରସ୍ତୁତ ହେବାକୁ କଷ୍ଟକର କରିଥାଏ । ଅସୁରକ୍ଷିତ ଯାତାୟାତ, ଦୀର୍ଘ କାର୍ଯ୍ୟସମୟ ଏବଂ ନମନୀୟ କାର୍ଯ୍ୟବ୍ୟବସ୍ଥାର ଅଭାବ ଏହି ସମସ୍ୟାକୁ ଆହୁରି ଜଟିଳ କରେ ।

ସହାୟତା ନୁହେଁ, ସୁଯୋଗର ସେତୁ ହେଉ ନୀତି

ନ୍ୟାୟପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବାର ଅର୍ଥ ସମସ୍ତଙ୍କୁ ଏକା ପ୍ରକାରର ସୁବିଧା ଦେବା ନୁହେଁ ବରଂ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଏପରି ସହାୟତା ଦେବା, ଯାହାଦ୍ୱାରା ସମସ୍ତେ ସମାନ ଭାବରେ ନିଜ ଦକ୍ଷତା ପ୍ରଦର୍ଶନ କରିପାରିବେ । ମାତୃତ୍ୱ ଛୁଟି, ସୁରକ୍ଷିତ ଯାତାୟାତ, ଶିଶୁ ଯତ୍ନ କେନ୍ଦ୍ର ଏବଂ ନମନୀୟ କାର୍ଯ୍ୟସମୟ ଏହାର ଉଦାହରଣ । କିନ୍ତୁ ଏହି ସୁବିଧାଗୁଡ଼ିକୁ ଯଦି ପଦୋନ୍ନତିରେ ବାଧା, କମ୍ ବୋନସ୍ କିମ୍ବା ଦରମା ହ୍ରାସର କାରଣ କରାଯାଏ, ତେବେ ସହାୟତାର ଉଦ୍ଦେଶ୍ୟ ନଷ୍ଟ ହୋଇଯାଏ ।

ସେହିପରି, ପାରିବାରିକ ଦାୟିତ୍ୱ କେବଳ ମହିଳାଙ୍କର ବୋଲି ଧରିନେବା ଉଚିତ ନୁହେଁ । ପିତାଙ୍କ ପାଇଁ ଅଭିଭାବକୀୟ ଛୁଟି, ଉଭୟ ଅଭିଭାବକଙ୍କ ପାଇଁ ନମନୀୟ କାର୍ଯ୍ୟବ୍ୟବସ୍ଥା ଏବଂ ପରିବାରର ଯତ୍ନ ନେବାରେ ପୁରୁଷଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଗଲେ ମହିଳାଙ୍କ ଉପରେ ପଡୁଥିବା ଅତିରିକ୍ତ ଚାପ ହ୍ରାସ ପାଇବ । ଏଥିରେ ପୁରୁଷ କର୍ମଚାରୀମାନେ ମଧ୍ୟ ଲାଭବାନ ହେବେ । କାର୍ଯ୍ୟକ୍ଷେତ୍ରର ନ୍ୟାୟ କୌଣସି ଗୋଟିଏ ଗୋଷ୍ଠୀର ସୁବିଧା ନୁହେଁ ଏହା ସମସ୍ତଙ୍କ ମର୍ଯ୍ୟାଦା ଓ ଅଧିକାରର ସୁରକ୍ଷା ।

> **ସମାନତା ଏକ ନୀତି ନୁହେଁ, ଏକ ମୂଲ୍ୟବୋଧ । ଏକ ଆଦର୍ଶ କାର୍ଯ୍ୟକ୍ଷେତ୍ରର ସଫଳତା କେବଳ ଏହାରେ କେତେ ମହିଳା କିମ୍ବା ପୁରୁଷ ନିଯୁକ୍ତ ହୋଇଛନ୍ତି, ସେହି ସଂଖ୍ୟାରେ ମାପି ହେବ ନାହିଁ । ଏହାର ପ୍ରକୃତ ମାନଦଣ୍ଡ ହେଉଛି- ପ୍ରତ୍ୟେକ କର୍ମଚାରୀ ନିଜକୁ କେତେ ସମ୍ମାନିତ, ସୁରକ୍ଷିତ ଓ ନ୍ୟାୟସଙ୍ଗତ ବୋଲି ଅନୁଭବ କରୁଛନ୍ତି । ସମାନତା କେବଳ ନିଯୁକ୍ତିପତ୍ରରେ ଲେଖାଯାଇଥିବା ଏକ ନୀତି ନୁହେଁ ଏହା ପ୍ରତିଦିନର ଆଚରଣ, ନିଷ୍ପତ୍ତି ଓ ପ୍ରତିଷ୍ଠାନଗତ ସଂସ୍କୃତିରେ ପ୍ରତିଫଳିତ ହେବା ଦରକାର ।**

ପ୍ରତିଷ୍ଠାନଗୁଡ଼ିକର ଦାୟିତ୍ୱ ଓ ସଂସ୍କାର

ପ୍ରକୃତ ପରିବର୍ତ୍ତନ ପାଇଁ ପ୍ରଥମେ ଦରମା ନିର୍ଦ୍ଧାରଣରେ ସ୍ୱଚ୍ଛତା ଆଣିବା ଆବଶ୍ୟକ । ସମାନ ଦାୟିତ୍ୱ ଓ ସମାନ ଯୋଗ୍ୟତା ଥିବା କର୍ମଚାରୀଙ୍କୁ ଲିଙ୍ଗ ନିର୍ବିଶେଷରେ ନ୍ୟାୟସଙ୍ଗତ ପାରିଶ୍ରମିକ ମିଳିବା ଉଚିତ । ନିୟମିତ ଦରମା ସମୀକ୍ଷା ଓ ଆଭ୍ୟନ୍ତରୀଣ ଅଡିଟ୍ ମାଧ୍ୟମରେ ଅସମାନତା ଚିହ୍ନଟ କରି ତାହାର ସମାଧାନ କରାଯାଇପାରିବ । ଦ୍ୱିତୀୟତଃ, କର୍ମଚାରୀଙ୍କ ମୂଲ୍ୟାୟନ ନିର୍ଦ୍ଦିଷ୍ଟ ମାନଦଣ୍ଡ, କାର୍ଯ୍ୟର ଗୁଣବତ୍ତା, ଫଳାଫଳ ଓ ଦାୟିତ୍ୱ ପାଳନ ଉପରେ ଆଧାରିତ ହେବା ଉଚିତ । ପଦୋନ୍ନତି, ପ୍ରଶିକ୍ଷଣ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଦାୟିତ୍ୱ ବଣ୍ଟନରେ ସ୍ପଷ୍ଟ ନିୟମ ରହିଲେ ବ୍ୟକ୍ତିଗତ ପସନ୍ଦ ଓ ଅଦୃଶ୍ୟ ପକ୍ଷପାତର ପ୍ରଭାବ କମିବ । ତୃତୀୟତଃ, କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ, ଅପମାନ ଓ ଅନ୍ୟାୟମୂଳକ ବ୍ୟବହାର ବିରୋଧରେ ନିରପେକ୍ଷ ଅଭିଯୋଗ ବ୍ୟବସ୍ଥା ରହିବା ଆବଶ୍ୟକ । ଅଭିଯୋଗକାରୀଙ୍କ ଗୋପନୀୟତା ସୁରକ୍ଷା, ନିରପେକ୍ଷ ତଦନ୍ତ ଓ ପ୍ରତିଶୋଧମୂଳକ କାର୍ଯ୍ୟରୁ ସୁରକ୍ଷା ନିଶ୍ଚିତ କରାଯିବା ଦରକାର । ଭାରତରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିବାରଣ ସମ୍ବନ୍ଧୀୟ ଆଇନର ନିୟମାନୁସାରେ ଆବଶ୍ୟକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ଓ ତାହାର ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱ ଦେବା ଉଚିତ । ଚତୁର୍ଥତଃ, ଯୋଗ୍ୟ କର୍ମଚାରୀଙ୍କୁ ନେତୃତ୍ୱ ପାଇଁ ପ୍ରସ୍ତୁତ କରିବା ନିମନ୍ତେ ମେଣ୍ଟରିଂ, ଦକ୍ଷତା ବିକାଶ ଓ ନେତୃତ୍ୱ ପ୍ରଶିକ୍ଷଣର ସୁଯୋଗ ବୃଦ୍ଧି କରାଯିବା ଆବଶ୍ୟକ । ଏହା କେବଳ ମହିଳାଙ୍କ ପାଇଁ ନୁହେଁ, ସମସ୍ତ ଯୋଗ୍ୟ କର୍ମଚାରୀଙ୍କ ପାଇଁ ଉପଲବ୍ଧ ହେବା ଉଚିତ । ନେତୃତ୍ୱରେ ବିବିଧତା ବୃଦ୍ଧି ପାଇଲେ ନିଷ୍ପତ୍ତି ଗ୍ରହଣରେ ବିଭିନ୍ନ ଅଭିଜ୍ଞତା ଓ ଦୃଷ୍ଟିକୋଣର ସମାବେଶ ହୁଏ, ଯାହା ପ୍ରତିଷ୍ଠାନକୁ ଅଧିକ ସୃଜନଶୀଳ ଓ ଦାୟିତ୍ୱସମ୍ପନ୍ନ କରିଥାଏ । ଏହାର ଆର୍ଥିକ ଗୁରୁତ୍ୱକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ । ଯେତେବେଳେ ଯୋଗ୍ୟ କର୍ମଚାରୀମାନେ ଅନ୍ୟାୟ କିମ୍ବା ଅନାବଶ୍ୟକ ପ୍ରତିବନ୍ଧକ ଯୋଗୁଁ କାର୍ଯ୍ୟକ୍ଷେତ୍ର ଛାଡ଼ନ୍ତି, ସେତେବେଳେ ପ୍ରତିଷ୍ଠାନ ଅଭିଜ୍ଞତା, ଦକ୍ଷତା ଓ ଉତ୍ପାଦନଶୀଳତା ହରାଏ । ଅନ୍ୟପକ୍ଷରେ, ନ୍ୟାୟପୂର୍ଣ୍ଣ ପରିବେଶ କର୍ମଚାରୀଙ୍କ ଆସ୍ଥା ବଢ଼ାଏ, ନୂତନ ଚିନ୍ତାଧାରାକୁ ଉତ୍ସାହିତ କରେ ଏବଂ ପ୍ରତିଷ୍ଠାନର ଦୀର୍ଘକାଳୀନ ସଫଳତାରେ ସହାୟକ ହୁଏ ।

ଉପସଂହାର: ସମାନତା ଏକ ନୀତି ନୁହେଁ, ଏକ ମୂଲ୍ୟବୋଧ

ଏକ ଆଦର୍ଶ କାର୍ଯ୍ୟକ୍ଷେତ୍ରର ସଫଳତା କେବଳ ଏହାରେ କେତେ ମହିଳା କିମ୍ବା ପୁରୁଷ ନିଯୁକ୍ତ ହୋଇଛନ୍ତି, ସେହି ସଂଖ୍ୟାରେ ମାପି ହେବ ନାହିଁ । ଏହାର ପ୍ରକୃତ ମାନଦଣ୍ଡ ହେଉଛି- ପ୍ରତ୍ୟେକ କର୍ମଚାରୀ ନିଜକୁ କେତେ ସମ୍ମାନିତ, ସୁରକ୍ଷିତ ଓ ନ୍ୟାୟସଙ୍ଗତ ବୋଲି ଅନୁଭବ କରୁଛନ୍ତି । ସମାନତା କେବଳ ନିଯୁକ୍ତିପତ୍ରରେ ଲେଖାଯାଇଥିବା ଏକ ନୀତି ନୁହେଁ ଏହା ପ୍ରତିଦିନର ଆଚରଣ, ନିଷ୍ପତ୍ତି ଓ ପ୍ରତିଷ

ଦୁଇ ଚକ୍ର ଚାଳକଙ୍କ ପାଇଁ ଦୁର୍ଘଟଣା ପରୀକ୍ଷା

ଚଳନ୍ତି ବସ୍ ଚାଳକ ଜଣଙ୍କ ଆକ୍ରମଣରେ ଆହତ

ଏମ୍ବୁଲାନ୍ସ ଚାଳକଙ୍କ ଉପରେ ଆକ୍ରମଣ ଘଟିଛି। ଜଣେ ଚାଳକ ଆହତ ହୋଇଛନ୍ତି। ଏହି ଘଟଣା ଏକ ଘରୋଇ ହସ୍ପିଟାଲ ପରିସରରେ ଘଟିଛି। ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି। ଏମ୍ବୁଲାନ୍ସ ଚାଳକ ଜଣଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ଏହି ଘଟଣା ଏକ ଘରୋଇ ହସ୍ପିଟାଲ ପରିସରରେ ଘଟିଛି। ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି।

ଗଣ୍ଡାକୁ...

ଏଥିସମ୍ବନ୍ଧରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଏମ୍ବୁଲାନ୍ସ ଚାଳକଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଆହତ ଚାଳକଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ଏମ୍ବୁଲାନ୍ସ ଚାଳକଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରି

୨୦ 30th ANNIVERSARY
ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ବୁଧବାର, ୧୧ ନଭେମ୍ବର ୨୦୨୬
ତ୍ରିଂଶତମ ବିଶେଷାଙ୍କ

ରାଜ୍ୟ ସରକାର, ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର, (ସବୁ୍ୟ): ରାଜ୍ୟର କୃଷି ବ୍ୟବସ୍ଥାକୁ ଅଧିକ ସ୍ଥାୟୀ ଓ ଜଳବାୟୁ ସହନଶୀଳ କରିବା ସହ ପୁଷ୍ଟି ସୁରକ୍ଷା, ମହିଳା ସଶକ୍ତିକରଣ, ଜୈବବିବିଧତା ସଂରକ୍ଷଣ ଏବଂ ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟର ଜୀବିକାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଉଦ୍ଦେଶ୍ୟରେ ଆଜି ଲୋକସେବା ଭବନଠାରେ ଓଡ଼ିଶା ସରକାର ଏବଂ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଏମଏସଏସଆରଏଫ୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏମଏସଏସଆରଏଫ୍ର ଅଧକ୍ଷା ଡ. ସୌମ୍ୟା ସ୍ୱାମୀନାଥନ୍ ଓ ଅନ୍ୟ ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭାଶ୍ରୀ ନନ୍ଦ ଏବଂ ଫାଉଣ୍ଡେସନ୍ ପକ୍ଷରୁ ଡ. ସୌମ୍ୟା ସ୍ୱାମୀନାଥନ୍ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ସହଭାଗିତା ମାଧ୍ୟମରେ କୃଷି, ପୁଷ୍ଟି, ସ୍ୱାସ୍ଥ୍ୟ, ପରିବେଶ ଓ ଜୀବିକା କ୍ଷେତ୍ରରେ ବୈଜ୍ଞାନିକ ଗବେଷଣା, ପାରମ୍ପରିକ ଜ୍ଞାନ ଓ ସରକାରୀ ନୀତିର ସମନ୍ୱୟ କରାଯିବ । ଏମଏସଏସଆରଏଫ୍ ରାଜ୍ୟ ସରକାରଙ୍କ ବୈଷୟିକ ଜ୍ଞାନ ସହଯୋଗୀ (ଟେକ୍ନିକାଲ ନଲେଜ ପାର୍ଟନର) ଭାବେ



କାର୍ଯ୍ୟ କରି ବିଭିନ୍ନ ବିଭାଗକୁ ନୀତି ପ୍ରଣୟନ, କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି, ଗବେଷଣା, ଦକ୍ଷତା ବିକାଶ, ନବସୃଜନ ଓ କାର୍ଯ୍ୟକ୍ରମର ବିସ୍ତାର କ୍ଷେତ୍ରରେ ବୈଷୟିକ ସହଯୋଗ ଯୋଗାଇବେ । ଏହି ସହଯୋଗରେ ଜଳବାୟୁ ସହନଶୀଳ କୃଷି, କୃଷି-ପରିବେଶଭିତ୍ତିକ ଚାଷ ପଦ୍ଧତି, ମିଲେଟ୍ ଓ ଅନ୍ୟାନ୍ୟ ବିକଳ୍ପ ଫସଲର ପ୍ରୋତ୍ସାହନ, ପାରମ୍ପରିକ ବିହନ ଓ କୃଷି ଜୈବବିବିଧତାର ସଂରକ୍ଷଣ ତଥା ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାର ବିକାଶକୁ ପ୍ରାଧାନ୍ୟ ଦିଆଯିବ । ଏଥିସହ ମହିଳା କୃଷକଙ୍କ ଅଂଶଗ୍ରହଣ, ଆର୍ଥିକ ସଶକ୍ତିକରଣ, ଉଦ୍ୟୋଗ ବିକାଶ ଓ ବଜାର ସଂଯୋଗକୁ ସୁଦୃଢ଼ କରାଯିବ । 'ସୁଭଦ୍ରା ଫାଷ୍ଟ' ଆଭିମୁଖ୍ୟ ଅନୁଯାୟୀ ମହିଳା ଓ ସାମାଜିକ-ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରଗୁଡ଼ିକୁ ଜୀବିକା ସୁଯୋଗ ସହ ଯୋଡ଼ାଯିବାର ଲକ୍ଷ୍ୟ ରହିଛି । ଦାଦନ ପ୍ରବଣ ଅଞ୍ଚଳରେ ସ୍ଥାନୀୟ ଜୀବିକା ସୃଷ୍ଟି, କୃଷି ଓ ଆନୁଷଙ୍ଗିକ କାର୍ଯ୍ୟର ପ୍ରସାର, ଦକ୍ଷତା ବିକାଶ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟୋଗକୁ ସୁଦୃଢ଼ କରିବା ଓ ବଜାର ସଂଯୋଗ ଉପରେ ଗୁରୁତ୍ୱ ଦିଆଯିବ । ଏହି ଅବସରରେ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଶ୍ରୀମତୀ ଗର୍ଗ କହିଥିଲେ ଯେ, ଏମଏସଏସଆରଏଫ୍ ଭଳି ସୁନାମଧନ୍ୟ ଅନୁଷ୍ଠାନ ସହ ଏହି ବୁଝାମଣାପତ୍ର ସ୍ୱାକ୍ଷର ରାଜ୍ୟ ପାଇଁ ଗୌରବର ବିଷୟ ।

ମା" ଉତ୍ତରାୟଣୀ ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳୀର ସାଧାରଣ ବୈଠକ

ଜଟଣୀ, (ସବୁ୍ୟ) :ମା" ଉତ୍ତରାୟଣୀ ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳୀର ସାଧାରଣ ବୈଠକ ସ୍ଥାନୀୟ ଖୁଦୁପୁର ଗ୍ରାମ ମଧ୍ୟରେ ଥିବା ଶ୍ରୀ ବାଲୁଙ୍କେଶ୍ୱର ଦେବ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି ।ବୈଠକ ଆରମ୍ଭରେ ସଂଘରେ ସ୍ୱର୍ଗବାସ କରିଥିବା ବିଶିଷ୍ଟ ମୃଦଙ୍ଗ ବାୟକ ଗଙ୍ଗାଧର ପଶ୍ଚିମ କବାଟ, ବରିଷ୍ଠ କଳାକାର ବାୟକ ଫଗୁ ସାହୁ ଏବଂ ବରିଷ୍ଠ ସହଯୋଗୀ ଗଗନ ବଳିୟାରସିଂହଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।ଏହା ପରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ, ସଂସ୍କୃତି ସୁରକ୍ଷା ଏବଂ ଆଗାମୀ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।୫୬ ଗୋଟି ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ଏହି ସଙ୍ଘ ଗଠିତ ହୋଇଛି । ସଂଘର ମହତ୍ ଉଦ୍ଦେଶ୍ୟ ହେଲା ଓଡ଼ିଶାର ପାରମ୍ପରିକ ସଂସ୍କୃତିକୁ ବଞ୍ଚାଇ ରଖିବା ।

କିଟ୍ ଓ କିସ୍‌ରୁ ସୁଖଦ ଅନୁଭୂତି ସହ ଫେରିଲେ ଇସ୍ରାଏଲ୍ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, (ସବୁ୍ୟ): 'ଇଣ୍ଡିଆ ଟ୍ରେକ୍ ଫର ଗ୍ଲୋବାଲ ଲିଡର୍ସ' କାର୍ଯ୍ୟକ୍ରମରେ ଭାରତ ଆସିଥିବା ୨୦ ଜଣିଆ ଉଚ୍ଚସ୍ତରୀୟ ଇସ୍ରାଏଲୀୟ ପ୍ରତିନିଧି ଦଳ ନଭେମ୍ବର୧ରୁ କିଟ୍ ଓ କିସ୍ ପରିଦର୍ଶନରେ ଆସି ଏଠାରେ ୧୦ଦିନ ଅତିବାହିତ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀ କିଟ୍ ଓ କିସ୍‌ରୁ ସୁଖଦ ଅନୁଭୂତି ନେଇ ଆଜି ଫେରିଯାଇଛନ୍ତି। କିଟ୍ ଓ କିସ୍ ରେ ରହଣି ସମୟରେ ସେମାନେ କିସ୍ ପିଲାମାନଙ୍କ ସହିତ ଭାବ ବିନିମୟ କରିବା ସହ ସେମାନଙ୍କ ସଂସ୍କୃତି, ପରମ୍ପରା ଓ ଚାଲିଚଳନ ସମ୍ପର୍କରେ ଅବଗତ ହୋଇଥିଲେ। ଏହାଛଡ଼ା ଏହି ପ୍ରତିନିଧିମଣ୍ଡଳୀ ସଦସ୍ୟମାନେ କିଟ୍‌ର ବିଭିନ୍ନ ସ୍କୁଲ୍ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଭାବ ବିନିମୟ କରି ଏଠାକାର ଶିକ୍ଷାଦାନ ପ୍ରଣାଳୀ ଓ ଗବେଷଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହି ଅବସରରେ ସେମାନଙ୍କୁ ଆଜି କିଟ୍ ଓ କିସ୍ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କିଟ୍ ଓ କିସ୍ ରେ ସେମାନଙ୍କର



ଅନୁଭୂତି ନେଇ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଖୁସି ବ୍ୟକ୍ତ କରି କହିଲେ, ଏହା ସେମାନଙ୍କ ପାଇଁ ଏକ ସୁଖଦ ଅନୁଭୂତି। ସେମାନେ କହିଲେ, ଆମର ଏହି ଗସ୍ତ ସବୁଠାରୁ ସ୍ମରଣୀୟ ଅନୁଭୂତି ହୋଇ ରହିବ। ତାଜମହଲ ନୁହେଁ, ବରଂ ଏଠାକାର ପିଲାମାନେ ଓ ଅଧ୍ୟାପକମାନଙ୍କ ସହ ମିଶିବାର ସୁଯୋଗ ହେଉଛି ଆମ ଗସ୍ତର ସବୁଠାରୁ ବଡ଼ ଉପଲବ୍ଧି। କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ମିଶିବା, ଭାବ ବିନିମୟ କରିବା, ପରସ୍ପରଠାରୁ ଶିଖିବା ଏବଂ ନିଜ ନିଜର ଅନୁଭୂତି ବାଣ୍ଟିବାର ସୁଯୋଗ ମିଳିଥିଲା ବୋଲି ସେମାନେ କହିଥିଲେ। ଏହା ହିଁ ଆମର ଏହି ଗସ୍ତର ସବୁଠାରୁ ସ୍ମରଣୀୟ ଅନୁଭୂତି ବୋଲି ପ୍ରତିନିଧିମଣ୍ଡଳୀ ସଦସ୍ୟମାନେ ପ୍ରକାଶ କରିଥିଲେ। କିସ୍ ବିଶ୍ୱର ଏକ ଅନନ୍ୟ ମଡ଼େଲ ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ଦୂରଦୃଷ୍ଟି, ସମ୍ପନ୍ନ ବ୍ୟକ୍ତିଙ୍କ ନିଷ୍ଠା, ପରିଶ୍ରମ ଓ ତ୍ୟାଗର ପ୍ରତିଫଳନ ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଯୋଗଦେଇ ଇସ୍ରାଏଲ୍ ପ୍ରତିନିଧିମଣ୍ଡଳୀର ଏହି ଗସ୍ତ କିଟ୍ ଓ କିସ୍‌କୁ ଶିକ୍ଷା, ଗବେଷଣା, ସାଂସ୍କୃତିକ ଭାବ ବିନିମୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଅନେକ ସମ୍ଭାବନା ଆଣିଦେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ତଥା କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ଇଣ୍ଟରନ୍ୟାସ୍‌ନାଲ ରିଲେସନସ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଗଞ୍ଜାମ ଗସ୍ତ ପରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚିଠି

ସରକାର ଉତ୍ତର ଦାୟିତ୍ୱ ନିଅନ୍ତୁ

ଭୁବନେଶ୍ୱର, (ସବୁ୍ୟ): ଗଞ୍ଜାମ ବନ୍ୟା ଅଞ୍ଚଳ ବୁଲି ଦେଖିବା ପରେ ଲୋକଙ୍କ ଦୁର୍ଦ୍ଦଶା ଓ ରିଲିଫ ଓ ସହାୟତା କାର୍ଯ୍ୟ ରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପତ୍ର ଲେଖିଛନ୍ତି। ଏହି ପତ୍ର ରେ ଶ୍ରୀ ପଟ୍ଟନାୟକ ରିଲିଫ ଓ ସହାୟତା ବଣ୍ଟନ ରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ଦାବୀ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନାରେ ଅପାରଗ ବିଜେପି ସରକାର। ବିଜେଡିର ୨୪ ବର୍ଷର ସଫଳତାକୁ ୨୪ ମାସରେ ଧୂଳିସାତ୍ କରିସାରିଲାଣି,। ବିଜେପିର ତଥାକଥିତ ଡବଲ୍ ଇଞ୍ଜିନ୍ ସରକାର। ଗଞ୍ଜାମ ବନ୍ୟା ବିପନ୍ନଙ୍କୁ ରିଲିଫ ଓ ପୁନର୍ବାସ ପ୍ରଦାନରେ ଅବହେଳା ନେଇ ସରକାରଙ୍କୁ ଦାୟୀ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କହିଛନ୍ତି, ଗଞ୍ଜାମରେ ବନ୍ୟା କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ। ବରଂ ରାଜ୍ୟ ବିଜେପି ସରକାରଙ୍କ ଚରମ ଅପାରଗତା ଅବହେଳା ଓ ଦୂରଦୃଷ୍ଟିହୀନତାର କରୁଣ ପରିଣତି। ଏହା ସମ୍ପୂର୍ଣ୍ଣ ମନୁଷ୍ୟକୃତ ବୋଲି ଶ୍ରୀ ପଟ୍ଟ ନାୟକ କହି ଛନ୍ତି।ଗତ ୭ ତାରିଖରେ ଗଞ୍ଜାମର ହିଞ୍ଜିଳି, ଶେରଗଡ଼, ଆସିକା ଓ ସୋରଡ଼ାର ବନ୍ୟାଞ୍ଚଳ ଗସ୍ତ ପରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଫେରିବା ପରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ବିଜେପି ସରକାରଙ୍କୁ ଜବାବ ମାଗି ନବୀନ କହିଛନ୍ତି, IMDର ଆଗୁଆ ସତର୍କତା ସତ୍ତ୍ୱେ କାହିଁକି କୁମ୍ଭକର୍ଣ୍ଣ ନିଦ୍ରାରେ ଥିଲା ପ୍ରଶାସନ ? ଅକ୍ଟୋବର ୨୩ରୁ ଚେତାବନୀ ମିଳିବା ସତ୍ତ୍ୱେ ବର୍ଷା ପୂର୍ବରୁ ଡ୍ୟାମ ରୁ ଜଳ ନିଷ୍କାସନ ନ କରି ପ୍ରବଳ ବର୍ଷା ସମୟରେ ବିନା



ପୂର୍ବ ସୂଚନାରେ ଗେଟ୍ ଖୋଲି ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ବିପଦରେ ପକାଇଲା କିଏ ? ବିଜେପି ସରକାର ନିଜେ ମାନୁଛନ୍ତି ଯେ ଗଞ୍ଜାମ ପାଇଁ ପ୍ରସ୍ତୁତି ନଥିଲା। ଦିନ ଦିନ ଧରି ଲୋକେ ଖାଦ୍ୟ ଓ ପାଣି ବିନା ଛଟପଟ ହେଲେ। ଉଦ୍ଧାର କାର୍ଯ୍ୟରେ ଅହେତୁକ ବିଳମ୍ବ ହେଲା। ଏହି ଅକ୍ଷମଣୀୟ ଅପରାଧ ପାଇଁ ଦାୟୀ କିଏ ? ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।ବିଜେଡି ସରକାର ସମୟରେ ଗଢ଼ା ହୋଇଥିବା ବିଶ୍ୱସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା, ସରପଞ୍ଚ ଏବଂ ମିଶନ ଶକ୍ତିର ଭୂମିକାକୁ ଅଣଦେଖା କରି ଏ ସରକାର ସମଗ୍ର ବ୍ୟବସ୍ଥାକୁ ଭାଙ୍ଗିରୁଜି ଚୁରମାର୍ କରିଦେଇଛି। ବିଜେପି ସରକାରଙ୍କ ଦ୍ୱାରା ସରପଞ୍ଚମାନଙ୍କ ପ୍ରତି ଅବହେଳା ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ପ୍ରାୟତଃ ବନ୍ଦ କରିଦେବା ଫଳରେ ଏହି ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ପରେ ଏବେ ଗଞ୍ଜାମ। ପ୍ରତିଟି ବିପର୍ଯ୍ୟୟରେ ସରକାର ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଦେଉଛନ୍ତି। ସରକାରଙ୍କ ଅପାରଗତା ଏବଂ ଅବହେଳା କେବେବି ଲୋକଙ୍କ ଦୁର୍ଦ୍ଦଶାର କାରଣ ହେବା ଉଚିତ ନୁହେଁ। ସରକାରଙ୍କ ଅକ୍ଷମତାର ବୋଝ ନିରାହ ଜନତା କାହିଁକି ସହିବେ ? ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ଗଞ୍ଜାମର କ୍ଷତିଗ୍ରସ୍ତ ଚାଷୀ, ମହିଳା, କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଏବଂ ପୁନଃନିର୍ମାଣ ସହାୟତା ମିଳୁ। ଶ୍ରୀ ପଟ୍ଟ ନାୟକ ସତର୍କ କରି ଦେଇ ଛନ୍ତି ଯେ , ଯଦି ଓଡ଼ିଶାବାସୀଙ୍କ ଅଧିକାର ଛଡ଼ାଇ ନିଆଯାଏ, ତେବେ ଲୋକଙ୍କ ନ୍ୟାୟ ପାଇଁ ବିଜୁ ଜନତା ଦଳ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଗର୍ଜିବ । ଏହି ବିଫଳତା ପାଇଁ ସରକାର ଉତ୍ତରଦାୟିତ୍ୱ ସ୍ଥିର କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ପଟ୍ଟନାୟକ ଦାବୀ କରିଛନ୍ତି।

ଶିଶୁ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ଦେଓ ପାଇବେ ମର୍ଯ୍ୟାଦାପୂର୍ଣ୍ଣ ନଦିୟା ବିହାରୀ ମହାନ୍ତି ସ୍ମୃତି ସମ୍ମାନ

କଟକ,(ସବୁ୍ୟ):ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ସାରସ୍ୱତ ସାଧକ ଡ଼ ରାମଚନ୍ଦ୍ର ଦେଓ ଚଳିତ ୨୦୨୬ ମସିହା ର ମର୍ଯ୍ୟାଦାପୂର୍ଣ୍ଣ ନଦିୟା ବିହାରୀ ମହାନ୍ତି ସ୍ମୃତି ସମ୍ମାନ ପାଇବାପାଇଁ ମନୋନୀତ ହୋଇଛନ୍ତି। ଓଡିଶାର ପୁରାତନ ଶିଶୁ ସାହିତ୍ୟ ଅନୁଷ୍ଠାନ "ଧ୍ରୁବତାରା" ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଚଳିତ ନଭେମ୍ବର ୧୫ ତାରିଖ ସନ୍ଧ୍ୟା ରେ କଟକ ସ୍ଥିତ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ବଡଭାଇଙ୍କର ୯୬ ତମ ଜୟନ୍ତୀ ପାଳନ ଅବସରରେ ପ୍ରଦାନ କରାଯିବ ବୋଲି ଧ୍ରୁବତାରା ର ଆବାହକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସୂଚନା ପ୍ରଦାନ କରିଛନ୍ତି। ଏହି ଉତ୍ସବ ରେ ନୂଆଦିଲ୍ଲୀ ସ୍ଥିତ ଜାତୀୟ ମାନବିକ ଅଧିକାର ଆୟୋଗ ର ସଦସ୍ୟ ଡକ୍ଟର ନ୍ୟାୟମୂର୍ତ୍ତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶିଶୁ ସାହିତ୍ୟିକ ଡକ୍ଟର ଦେଓ ଶିଶୁ ସାହିତ୍ୟ ସମେତ ଅନ୍ୟାନ୍ୟ ବର୍ଗରେ ୪୨ ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରି ବେସ୍ ପରିଚିତ ଓ ପ୍ରଶଂସିତ ।

ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

କଟକ, (ସ୍ୱପ୍ର) :ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତର ରାମଗଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଟାଙ୍ଗୀ ବିଦ୍ୟାପୀଠ ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଏନ୍.ଏନ୍ ରାଜଲକ୍ଷ୍ମୀ ଓଝା, ବ୍ଲକ ଉପାଧକ୍ଷା ସୁପ୍ରିୟା ଜେଠୀ, ଜିଲା ପରିଷଦ ସଦସ୍ୟ ଚିତ୍ତ ରଂଜନ ସାମଲ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସଂସଦଙ୍କ ପ୍ରତିନିଧି ରୋହିତ୍ କୁମାର ମହାନ୍ତି, ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ, ଟାଙ୍ଗୀ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଦେବୀକାରାଣୀ ଚୌଧୁରୀ, ଶିକ୍ଷାବିତ୍ ସମରେନ୍ଦ୍ର ଷଡଙ୍ଗୀ, ଧୀରେନ୍ଦ୍ରନାଥ ଜେଠୀ, ଗଙ୍ଗାଧର ସାହୁ, ଟାଙ୍ଗୀ ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ରାଜ କିଶୋର ନାୟକ, ରାମଗଡ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନେଶ୍ୱର ସାମାତ୍, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଝୁନୁବାଳା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରସାର ଉପରେ



ଗୁରୁତ୍ୱାରୋପ କରିଥିଲେ । ବିଆରସିସି ମାନସ ମୋହନ କର, ଏବିଇଓ ହରିହର ବେହେରା ଏବଂ ସିଆରସିସି ଭକ୍ତି ଚଂଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବିଧାୟିକା ସୋଫିଆଙ୍କ ଅଧକ୍ଷତାରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଉନ୍ନୟନ ବୈଠକ

କଟକ, (ସ୍ୱପ୍ର): ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟର ସମୀକ୍ଷା ଓ ସହରର ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜିଲ୍ଲାପାଳଙ୍କ ସନ୍ନିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ ଉନ୍ନୟନ ବୈଠକ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିର୍ବାଚନମଣ୍ଡଳୀର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି, ଅନୁଦାନ ଖର୍ଚ୍ଚ ଏବଂ କାର୍ଯ୍ୟ ସମ୍ପାଦନରେ ଉପୁଜୁଥିବା ବାଧାବିଘ୍ନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ସହରର ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ଉପରେ ଗୁରୁତ୍ୱାରୋପ କରି ସିଏମ୍ସି ଅଧୀନରେ ଥିବା ୧୦୦ କୋଟିରୁ ଊର୍ଦ୍ଧ୍ୱର୍ ଟଙ୍କାର ୫ଟି ପ୍ରମୁଖ ବର୍ଷାଜଳ ନିଷ୍କାସନ ନାଳ, ଖାନନଗର ଲିଙ୍କ୍ ଚ୍ୟାନେଲ କାର୍ଯ୍ୟ, ପେଟାନାଳ ସୌନ୍ଦର୍ଯ୍ୟକରଣ ଏବଂ ବିଡ଼ାନାସୀ ମୁଖ୍ୟ ଡ୍ରେନ୍ ନିର୍ମାଣକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସହରର ବିଭିନ୍ନ ୱାର୍ଡର ପୋଖରୀ ପୁନରୁଦ୍ଧାର, ଡ୍ରେନେଜ୍ ମାଷ୍ଟର ପ୍ଲାନ କାର୍ଯ୍ୟକାରିତା, ନୂତନ ଭେଙ୍ଗି ଜୋନ୍ ପ୍ରତିଷ୍ଠା, ସଫେଇ ବ୍ୟବସ୍ଥା

ରୁଷ-ୟୁକ୍ରେନ ଯୁଦ୍ଧ ଶେଷ ପାଇଁ ଶାନ୍ତି କଥାବାର୍ତ୍ତା

ଭାରତ ନେଇଛି ସକ୍ରିୟ ଭୂମିକା

କିଭ୍/ମସ୍କୋ : ଦୀର୍ଘ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ପଡ଼ିପାରେ ପୂର୍ଣ୍ଣଚ୍ଛେଦ। ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ରୁଷ ଓ ୟୁକ୍ରେନ ପ୍ରତିନିଧିମାନେ ୟୁଏଇରେ ଆରମ୍ଭ କରିଛନ୍ତି ଆଲୋଚନା। ଆମେରିକା ମଧ୍ୟସ୍ଥି ଭୂମିକାରେ ରହିଥିବା ବେଳେ ଭାରତ ମଧ୍ୟ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାରେ ସକ୍ରିୟ ଭୂମିକା ନିର୍ବାହ କରୁଥିବା ସଙ୍କେତ ମିଳିଛି। ମଙ୍ଗଳବାର ଠାରୁ ଅବୁଧାବିରେ ରୁଷ ଓ ୟୁକ୍ରେନ ଆରମ୍ଭ କରିଛନ୍ତି ଶାନ୍ତି ପ୍ରତିଷ୍ଠା ଆଲୋଚନା। ଆମେରିକା ମଧ୍ୟସ୍ଥତାରେ ଯୁଦ୍ଧ ବନ୍ଦ କରିବାକୁ ଚାଲିଛି ପ୍ରୟାସ। ଏସବୁ ଭିତରେ ରୁଷ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ପାଇଁ ନୂଆଦିଲ୍ଲୀ କରୁଥିବା କୂଟନୀତିକ ପ୍ରୟାସ ସମ୍ପର୍କରେ ଭାରତ ସରକାର ଦେଇଛନ୍ତି ବିସ୍ତୃତ ତଥ୍ୟ।ଉଭୟ ଦେଶ ଓ ଅନ୍ୟ ଅଂଶୀଦାରଙ୍କ ସହ ସର୍ବୋଚ୍ଚ ସ୍ତରରେ ଆଲୋଚନା ଚାଲିଥିବା ସ୍ପଷ୍ଟ କରିଛି ଭାରତ। ବ୍ଲାକ ସି'ରେ ପରିବହନ, ଶସ୍ୟ ଓ ଶକ୍ତି ରପ୍ତାନୀ ସହ ସମ୍ଭାବ୍ୟ ଆକ୍ରମଣ ପ୍ରତିରୋଧ ଭଳି କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସରକାର ଉଦ୍ୟମ କରୁଥିବା କହିଛନ୍ତି। ମଙ୍ଗଳବାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ "ୟୁକ୍ରେନ୍ ପ୍ରସଙ୍ଗରେ ଭାରତ ପକ୍ଷରୁ କେଉଁ ପ୍ରକାରର ଉଦ୍ୟମ କରାଯାଉଛି, ସେ ସମ୍ପର୍କରେ ମୁଁ ପୂର୍ବରୁ ବିସ୍ତୃତ ଭାବେ ଜଣାଇଛି। ଆମେ ଉଭୟ ଦେଶ ଓ ଏହାସହ ଜଡ଼ିତ ଅନ୍ୟପକ୍ଷଙ୍କ ସହ ଆଲୋଚନା କରୁଛୁ। ଆଲୋଚନା ସର୍ବୋଚ୍ଚ ସ୍ତରରେ ହେଉଛି।"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନକ ତଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡମିର ଜେଲେନସ୍କିଙ୍କ ସହ କଥା ହୋଇଥିଲେ। ସେହିପରି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର



ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।ଏହାପୂର୍ବରୁ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ବ୍ଲାକ ସି'ରେ ଖାଦ୍ୟ ପରିବହନ ପାଇଁ ସୁରକ୍ଷିତ କରିଡର ପ୍ରତିଷ୍ଠା ଉଦ୍ଦେଶ୍ୟରେ ଭାରତର ସହାୟତା ଲୋଡ଼ିଥିଲେ। ଏହାପରେ ମଙ୍ଗଳବାର ପ୍ରାୟ ୯ ମାସର ବ୍ୟବଧାନ ପରେ ଆମେରିକା, ରୁଷ ଓ ୟୁକ୍ରେନ୍ର ଅଧିକାରୀମାନେ ୟୁଏଇରେ ପୁଣି ଥରେ ଶାନ୍ତି ଆଲୋଚନା ଆରମ୍ଭ କରିଛନ୍ତି।ଏସବୁ ଭିତରେ ଭାରତ ପକ୍ଷରୁ ତିନି ସୁତ୍ରୀ ଯୁଦ୍ଧବିରତି ସହ ଶାନ୍ତି ଆଲୋଚନା ହେବା ପୂର୍ବରୁ ଜେଲେନସ୍କି ଭାରତର ସହାୟତା ଲୋଡ଼ିଥିଲେ। ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଭାରତ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଥିବା ଓ ବ୍ଲାକ ସି'ରେ ଖାଦ୍ୟ ପରିବହନ ପାଇଁ ସୁରକ୍ଷିତ କରିଡର ସ୍ଥାପନରେ ସହଯୋଗ କରିପାରିବ ବୋଲି ସେ କହିଥିଲେ।ଏଥିସହ ଶାନ୍ତି ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ଅନ୍ୟ ବିଶ୍ୱ ନେତାଙ୍କ ସହ ଥିବା କୂଟନୀତିକ ସମ୍ପର୍କକୁ ବ୍ୟବହାର କରିବାକୁ ସେ ନୂଆଦିଲ୍ଲୀକୁ ଅନୁରୋଧ କରିଥିଲେ। ତେଣୁ ଭାରତର କୂଟନୀତିକ ଉଦ୍ୟମ ରୁଷ ଓ ୟୁକ୍ରେନ୍ ମଧ୍ୟରେ ପ୍ରସ୍ତାବ ମସ୍କୋ ଓ ୟୁକ୍ରେନକୁ ଦିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ୟୁକ୍ରେନ୍ ମଧ୍ୟ ଏହି ପ୍ରସ୍ତାବକୁ ନିଜ ପାଖକୁ ଆସିଥିବା ନିଶ୍ଚିତ କରିଛି। ସୋମବାର ୟୁକ୍ରେନ୍ର ଗଣମାଧ୍ୟମ ରିପୋର୍ଟ କରିଥିଲା ଯେ, ଅବୁଧାବିରେ ଆମେରିକାର ମଧ୍ୟସ୍ଥତାରେ ରୁଷ ବ୍ୟାପକ ଶାନ୍ତି ଚୁକ୍ତି ପାଇଁ ରାସ୍ତା ଖୋଲିପାରେ।୨୦୨୨ ଫେବ୍ରୁଆରୀ ୨୪ରେ ରୁଷ ପୂର୍ବ ୟୁକ୍ରେନ୍ରେ ବ୍ୟାପକ ସାମରିକ ଅଭିଯାନ ଆରମ୍ଭ କରିଥିଲା। ଏହା ପରଠାରୁ ଯୁଦ୍ଧ ଜାରି ରହିଛି। ଏହି ଯୁଦ୍ଧରେ ଅତି କମ୍ରେ ୧୭,୯୬୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି।

ସାମରିକ ଅଭିଯାନର ଜବାବ୍ ଦିଆଯିବ : ରୁଷ୍

ମସ୍କୋ:ରୁଷର ଉପବୈଦେଶିକ ମନ୍ତ୍ରୀ ସେରଗେଇ ରିଆବକୋଭ କହିଛନ୍ତି ଯେ, ୟୁରୋପୀୟ ଦେଶଗୁଡ଼ିକ ଉପରେ ଆମର ଆକ୍ରମଣ କରିବାର କୌଣସି ଉଦ୍ଦେଶ୍ୟ, ଯୋଜନା କିମ୍ବା କାରଣ ନାହିଁ। ୟୁରୋପରେ ସୁରକ୍ଷା ଏବଂ ସହଯୋଗ ସଂଗଠନ ଦ୍ୱାରା ଆୟୋଜିତ ଏକ ଗୋଲଟେବୁଲ ଆଲୋଚନାରେ ରିଆବକୋଭ କହିଛନ୍ତି ଯେ, ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁରୋପରେ ସାମରିକ ସଂଘର୍ଷର ସମ୍ଭାବନା ବିଷୟରେ ଆଲୋଚନା କରୁଛନ୍ତି ଯେପରି ଏହା ପ୍ରାୟ ନିଶ୍ଚିତ ଏବଂ ଅନିବାର୍ଯ୍ୟ। ୟୁରୋପକୁ ରୁଷଠାରୁ କୌଣସି ବିପଦ ନାହିଁ। ରୁଷ ବୈଦେଶିକ ମନ୍ତ୍ରଣାଳୟର ୱେବସାଇଟରେ ପ୍ରକାଶିତ ଏକ ବିବୃତି ଅନୁଯାୟୀ, ଉପ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ରୁଷ କାହା ପାଇଁ କୌଣସି ବିପଦ ସୃଷ୍ଟି କରେ ନାହିଁ ଏବଂ ନିକଟ କିମ୍ବା ଦୀର୍ଘକାଳୀନ ଭାବରେ କୌଣସି ଦେଶ ଉପରେ ଆକ୍ରମଣ କରିବାର କୌଣସି ଯୋଜନା ନାହିଁ। ତେବେ ସେ ଚେତାବନୀ ଦେଇ ଏହା ମଧ୍ୟ କହିଛନ୍ତି ଯେ, ଯଦି ରୁଷ ଉପରେ ଆକ୍ରମଣ କରାଯାଏ, ତେବେ ମସ୍କୋ ଜବାବ ଦେବାକୁ ବାଧ ହେବ। କିଛି ୟୁରୋପୀୟ ସରକାର ରୁଷ-ୟୁକ୍ରେନ ବିବାଦର ଅନ୍ତ ପାଇଁ ଗମ୍ଭୀର ନୁହଁନ୍ତି। ତାଙ୍କ ଅନୁସାରେ, ସମସ୍ତ ପକ୍ଷଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ବିବାଦର ସମାଧାନ ହୋଇପାରିଥାନ୍ତା, କିନ୍ତୁ ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନକୁ ଏକ ଯୁକ୍ତିଯୁକ୍ତ ସମାଧାନ ପରିତ୍ୟାଗ କରି ଯୁଦ୍ଧର ପଥ ବାଛିବାକୁ ଉତ୍ସାହିତ କରିଥିଲେ।ରୁଷ-ୟୁରୋପ ସମ୍ପର୍କର ଭବିଷ୍ୟତ ବିଷୟରେ କହିବାକୁ ଯାଇ ସେ କହିଛନ୍ତି ଯେ, ମସ୍କୋ ଆଶା କରୁଛି, ୟୁରୋପୀୟ ଦେଶମାନେ ସମାନତା, ସହଭାଗୀ ସୁରକ୍ଷା, ବାସ୍ତବବାଦୀ ଚିନ୍ତାଧାରା ଏବଂ ପରସ୍ପରର ସ୍ୱାର୍ଥ ପ୍ରତି ସମ୍ମାନ ଆଧାରରେ ରୁଷ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ ହେବେ । ରୁଷ ଏବଂ ଏହାର ସହଯୋଗୀଙ୍କ ସ୍ୱାର୍ଥକୁ ବିଚାରକୁ ନ ନେଇ ୟୁରୋପରେ ଦୀର୍ଘକାଳୀନ ସ୍ଥିରତା ହାସଲ କରାଯାଇପାରିବ ନାହିଁ।କାର୍ଯ୍ୟକ୍ରମରେ ଭିଏନାରେ ସାମରିକ ସୁରକ୍ଷା ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଆଲୋଚନାରେ ରୁଷିଆ। ପ୍ରତିନିଧିମଣ୍ଡଳର ମୁଖ୍ୟ ୟୁଲିଆ ଝଡାନୋଭା କହିଛନ୍ତି ଯେ, ୟୁରୋପୀୟ



ଦେଶଗୁଡ଼ିକ ସେମାନଙ୍କର ନାଗରିକମାନଙ୍କୁ ଏପରି ଭବିଷ୍ୟତ ପ୍ରଦାନ କରୁନାହାନ୍ତି ଯାହା ରୁଷ ସହିତ ସଂଘର୍ଷର ସମ୍ଭାବନା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପ୍ରଦାନ କରିବ। ସେ ନାଟୋର ବୃଦ୍ଧିକୁ ନିୟନ୍ତ୍ରଣ କରିବା ରଣନୀତିକୁ କ୍ଷତିକାରକ ବୋଲି ବର୍ଣ୍ଣନା କରି କହିଛନ୍ତି, ରୁଷ ଏବଂ ନାଟୋ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ବିଶ୍ୱାସ କରିବା ଭୁଲ୍।ଝଡାନୋଭାଙ୍କ ଅନୁଯାୟୀ, ଏହି ରଣନୀତି ନାଟୋ ଏବଂ ଇୟୁକୁ ଅବିଚାରୀ ପଦକ୍ଷେପ ନେବାକୁ ଉତ୍ସାହିତ କରୁଛି ମାତ୍ର ସାମରିକ ବିପଦ ହ୍ରାସ କରିବା ପାଇଁ କିଛି କରୁ ନାହିଁ।

ଇରାନର ପରମାଣୁ ଶକ୍ତି ନେଇ ଟ୍ରମ୍ପଙ୍କ ବିସ୍ଫୋରକ ବୟାନ

ୱାଶିଂଟନ୍: ଇରାନର ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବାର କ୍ଷମତା ପ୍ରାୟ ୮୫ ପ୍ରତିଶତ କମିଯାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି। ଏଥିସହିତ ଯଦି ପରିସ୍ଥିତି ଆବଶ୍ୟକ କରେ, ତେବେ ଆମେରିକୀୟ ସେନା ପୁଣିଥରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେ ଚେତାବନୀ ଦେଇଛନ୍ତି। ଇରାନ ଉପରେ ଚାପ ପ୍ରୟୋଗ ଜାରି ରହିଥିବା ବେଳେ ଏହି ବିବାଦର ସମାଧାନ ପାଇଁ ଚାଲିଥିବା କୂଟନୈତିକ ପ୍ରୟାସ ଏବେ ମଧ୍ୟ ଅନିଶ୍ଚିତତା ମଧ୍ୟରେ ରହିଛି ।ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ଟ୍ରମ୍ପ କହିଛନ୍ତି ଯେ, ସେମାନଙ୍କର ଉତ୍ପାଦନ କ୍ଷମତା ପ୍ରାୟ ୮୫ ପ୍ରତିଶତ ଶେଷ ହୋଇଯାଇଛି। ସେମାନେ ଆମ ସହିତ କଥାବାର୍ତ୍ତା କରୁଛନ୍ତି ଏବଂ ବେଶ୍ ଭଦ୍ର ଭାବେ ଆଚରଣ କରୁଛନ୍ତି, ଆଗକୁ ଦେଖାଯାଉ କ'ଣ ହେଉଛି। ଏହି ସଂଘର୍ଷର ଅନ୍ତ ଘଟିବାର ସମ୍ଭାବନା ରହିଛି ବୋଲି ସେ ମତ ଦେଇଥିବା ବେଳେ ସାମରିକ କାର୍ଯ୍ୟାନୁଷ୍ଠାନର ବିକଳ୍ପ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି ବୋଲି ଭାବିବା ଭୁଲ୍ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଯଦି ଆମକୁ ପୁଣିଥରେ ସେଠାକୁ ଯିବାକୁ ପଡ଼େ, ତେବେ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ ବୋଲି ଟ୍ରମ୍ପ କହିଛନ୍ତି। 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି ଯେ, ସେ କତାରର ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲରହମାନ୍ ଅଲ୍ ଥାନୀଙ୍କ ସହ ଏକ ଉତ୍କୃଷ୍ଟ ଆଲୋଚନା କରିଛନ୍ତି, ଯେଉଁଥିରେ ଇରାନ ସ୍ଥିତି ନେଇ ଆଲୋଚନା ହୋଇଥିଲା। କତାର, ସୌଦି ଆରବ, ୟୁଏଇ, ବାହରିନ୍ ଏବଂ କୁଏତ୍ ଆମେରିକାର ନୌସେନା ଅବରୋଧ ଏବଂ ନୂତନ ଭାବେ ଘୋଷିତ "ଅପରେସନ୍ ଆଇରନ୍ ଗେଟ୍" ଜାରି ରହୁ ବୋଲି ଚାହୁଁଛନ୍ତି ବୋଲି ସେ ଦାବି କରିଛନ୍ତି।

ଡୋଭାଲ, ପୂର୍ବତନ ର' ମୁଖ୍ୟଙ୍କ ବିରୋଧରେ ମାମଲା ରୁଜୁ କରିବେ ଖଲିସ୍ତାନୀ ପନ୍ନୁ

ୱାଶିଂଟନ: ଆମେରିକାର ଏକ କୋର୍ଟ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂହ ପନ୍ନୁଙ୍କୁ ଭାରତର ଏନଏସଏ ଅଜିତ ଡୋଭାଲ ଏବଂ ପୂର୍ବତନ ର' ମୁଖ୍ୟ ସାମନ୍ତ ଗୋଏଲଙ୍କ ବିରୋଧରେ ଦିଲ୍ଲୀ କୋର୍ଟ ମାଧ୍ୟମରେ ଦେୱାନୀ ମାମଲା ଦାୟର କରିବାକୁ ଅନୁମତି ଦେଇଛନ୍ତି। ଦିଲ୍ଲୀ କୋର୍ଟ ମାଧ୍ୟମରେ ଆଇନଗତ ସମନ ଜାରି କରିବାକୁ କୋର୍ଟ କହିଛନ୍ତି। ନିଷିଦ୍ଧ ଶିଖ୍ ଫର୍ ଜଷ୍ଟିସ୍ ଗୋଷ୍ଠୀର ନେତା ଏବଂ ଜଣେ ଆମେରିକୀୟ-କାନାଡିଆନ୍ ନାଗରିକ ଗୁରୁପତୱନ୍ତ ସିଂହ ପନ୍ନୁ ନ୍ୟୁୟର୍କ ଜିଲ୍ଲା କୋର୍ଟରେ ଏକ ମାମଲା ଦାୟର କରିଥିଲେ ଯେଉଁଥିରେ ସେ ଆମେରିକା ମାଟିରେ ତାଙ୍କୁ ହତ୍ୟା କରିବାର ବିଫଳ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ କରିଥିଲେ।ପନ୍ନୁ ତାଙ୍କ ଦେୱାନୀ ମାମଲାରେ



ଭାରତ ସରକାର, ଅଜିତ ଡୋଭାଲ, ସାମନ୍ତ ଗୋଏଲ, ର' ଅଧିକାରୀ ବିକ୍ରମ ଯାଦବ ଏବଂ ବର୍ତ୍ତମାନ ଆମେରିକାରେ ବନ୍ଦୀ ଥିବା ଭାରତୀୟ ନାଗରିକ ନିଖିଲ ଗୁପ୍ତାଙ୍କ ନାମ ନେଇଛନ୍ତି। ପନ୍ନୁ ମାନସିକ ଯନ୍ତ୍ରଣା ଏବଂ ଆକ୍ରମଣ ଉଦ୍ୟମ ଅଭିଯୋଗ କରି ଭାରତ ଠାରୁ କ୍ଷତିପୂରଣ ଦାବି କରି ଭାରତୀୟ ଅଦାଲତ ମାଧ୍ୟମରେ ଅଜିତ ଡୋଭାଲ ଏବଂ ସାମନ୍ତ ଗୋଏଲଙ୍କୁ ସମନ ଜାରି କରିବାକୁ ଆବେଦନ କରିଥିଲେ। ଏହି ମାମଲାରେ ଆମେରିକାର କୋର୍ଟ ପନ୍ନୁଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। କୋର୍ଟ ପନ୍ନୁଙ୍କୁ ୩୦ ନଭେମ୍ବର ୨୦୨୬ରେ କିମ୍ବା ତା ପୂର୍ବରୁ ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଦୀପାବଳି ବାଣ ନେଲା ୨୪ ଜୀବନ

ନୂଆଦିଲ୍ଲୀ : ଦୀପାବଳିରେ ବାଣ ଫୁଟାଇବା ଓ ଅଗ୍ନିକାଣ୍ଡ ଯୋଗୁଁ ଦେଶବ୍ୟାପୀ ୨୪ ଜଣଙ୍କ ଜୀବନ ଯାଇଛି। ଶହ ଶହ ଲୋକ ଆହତ ହୋଇଥିବା ବେଳେ କେବଳ ଦିଲ୍ଲୀରେ ୩୦୦ରୁ ଅଧିକ ଲୋକ ବାଣ ଯୋଗୁଁ ଆହତ ହୋଇଛନ୍ତି। ସବୁଠାରୁ ହୃଦୟବିଦାରକ ଘଟଣା ଘଟିଛି ମଧ୍ୟପ୍ରଦେଶର କଟନୀ ଓ ସିଓନୀ ଜିଲ୍ଲାରେ। ଦୁଇଟି ପୃଥକ୍ ଅଗ୍ନିକାଣ୍ଡରେ ଦୁଇ ବ୍ୟବସାୟୀଙ୍କ ପରିବାରର ୧୨ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ଅଛନ୍ତି। କଟନୀର ବରହି ଅଞ୍ଚଳରେ ବ୍ୟବସାୟୀ ପୂରନ ଅଗ୍ରୱାଲଙ୍କ ତିନି ମହଲା କୋଠାରେ ଥିବା କୁକେରି ଦୋକାନରେ ନିଆଁ ଲାଗିଥିଲା। ନିଆଁ ଦେଖୁ ଦେଖୁ ପୂରା ଘରକୁ ବ୍ୟାପିଯାଇଥିଲା। ଫଳରେ ଦୁଇ ମାସର ଶିଶୁ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ସିଓନୀରେ ସୋମବାର ଭୋର୍ ୪ଟାରେ ସୁନା ବ୍ୟବସାୟୀ କୁନ୍ଦନ ଲାଲ ସୋନିଙ୍କ ଘରେ ନିଆଁ ଲାଗି ୬ ଜଣଙ୍କ ଜୀବନ ଯାଇଛି।ଉତ୍ତରପ୍ରଦେଶରେ ମଧ୍ୟ ତିନି ଶିଶୁଙ୍କ ମୃତ୍ୟୁ ହୋଇଛି। ପଞ୍ଜାବ ଓ ରାଜସ୍ଥାନରେ ଦୁଇ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି। ଏହାବ୍ୟତୀତ ଦିଲ୍ଲୀ, ଉତ୍ତରାଖଣ୍ଡ, ହରିୟାଣା, ବିହାର ଓ ଓଡ଼ିଶାରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି। ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ୧୩୫, ଏମ୍ସରେ ୪୨ ଓ ଅନ୍ୟ ହସ୍ପିଟାଲରେ ଶହେରୁ ଅଧିକ ଆହତ ପହଞ୍ଚିଥିଲେ। ଅନେକଙ୍କ ଅବସ୍ଥା ଗୁରୁତର ରହିଛି। କେଉଁଠି ବାଣର ଛିଟିକା ଜୀବନ ନେଇଛି ତ ଆଉ କେଉଁଠି ନିଆଁରେ ଜଳିଯାଇଛି ଘରଦ୍ୱାର ଓ ଦୋକାନ। ଆଲୋକର ପର୍ବରେ ଏଭଳି ଅନ୍ଧାର କେବଳ ଗୋଟିଏ ପ୍ରଶ୍ନ ଛାଡ଼ିଯାଇଛି।

ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ : ଚାଲିଗଲା ୧୬ ଜୀବନ

ହାବାସ୍ : ତୁର୍କୀର ଇଜମିର ପ୍ରଦେଶ ଅନ୍ତର୍ଗତ ଆଲିଆଗାରେ ଥିବା ହାବାସ ଷ୍ଟିଲ୍ ପ୍ଲାଣ୍ଟରେ ସୋମବାର ବଡ଼ ଦୁର୍ଘଟଣା ଘଟିଛି। ପ୍ରଥମେ ଭୟଙ୍କର ବିସ୍ଫୋରଣ ହୋଇଥିଲା, ଆଉ ତା'ପରେ ଲାଗିଯାଇଥିଲା ଭୀଷଣ ନିଆଁ। ଏଥିରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ୀ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପ୍ରାଥମିକ ସୂଚନା ଅନୁସାରେ, ପ୍ଲାଣ୍ଟରେ ବଏଲର ବଦଳାଇବା କାମ ଚାଲିଥିବାବେଳେ ଏକ କ୍ରେନ୍ ଖସି ଭାଟି ଭିତରେ ପଡ଼ିଯାଇଥିଲା। ଫଳରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ସେହି ସମୟରେ ପ୍ଲାଣ୍ଟରେ ଉତ୍ପାଦନ କାମ ବନ୍ଦ ଥିଲା। ସାଧାରଣତଃ ଏହି ଅଞ୍ଚଳରେ ପ୍ରାୟ ୩୦୦ କର୍ମଚାରୀ ରହୁଥିବାବେଳେ ଦୁର୍ଘଟଣା ସମୟରେ ପ୍ରାୟ ୨୦୦ ଜଣ ଉପସ୍ଥିତ ଥିଲେ। ଘଟଣାକୁ ନେଇ ରାଷ୍ଟ୍ରପତି ରଜବ ତୈୟବ ଏର୍ଦୋଗାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ବିସ୍ଫୋରଣର କାରଣ ଓ ଦୁର୍ଘଟଣା ପଛରେ କାହାର ଅବହେଳା ରହିଛି, ତାହା ଜାଣିବାକୁ ନ୍ୟାୟିକ ଓ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୧୯୮୭ରେ ପ୍ରତିଷ୍ଠିତ ଏହି ଷ୍ଟିଲ୍ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୪୫



ଲକ୍ଷ ଟନ୍। ତେବେ ଏତେ ବଡ଼ ଶିଳ୍ପାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା କେତେ ମଜଭୁତ ଥିଲା, ତାହାକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ଓ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ହେବ।

ଗ୍ରୀକ୍ ଡଙ୍ଗାବୁଡ଼ି ଘଟଣା ; ମୃତକଙ୍କ ସଂଖ୍ୟା ୩୯କୁ ବୃଦ୍ଧି

ଏଥେନ୍ସ: ଗ୍ରୀକ୍ ତଟରକ୍ଷୀ ବାହିନୀ ସୋମବାର ପ୍ରତ୍ୟୁଷରେ କ୍ରେଟ୍ ଦ୍ୱୀପ ନିକଟରୁ ଏକ ଡଙ୍ଗାରୁ ୧୩ ଜଣ ପ୍ରବାସୀ ଏବଂ ୧୮ ଜଣ ଲୋକଙ୍କୁ ଉଦ୍ଧାର କରିଛି। ପ୍ରବାସୀମାନଙ୍କ ମୃତ୍ୟୁ ସଂଖ୍ୟା ୩୯ ରେ ପହଞ୍ଚିଛି। ଅଧିକାରୀମାନେ କହିଛନ୍ତି ଯେ ଡଙ୍ଗାଟି ଅନେକ ଦିନ ଧରି ସମୁଦ୍ରରେ ଫସି ରହିଥିଲା ଏବଂ ପ୍ରବଳ ପବନ ଯୋଗୁଁ କୂଳରେ ପହଞ୍ଚିବା ପାଇଁ ସଂଘର୍ଷ କରୁଥିଲା।ଜଣେ ଅଧିକାରୀ କହିଛନ୍ତି, ଆମେ ବଞ୍ଚିଥିବା ଲୋକଙ୍କୁ ଥଣ୍ଡାରେ ଥରୁଥିବା ଦେଖିଲୁ। ଅନ୍ୟ ଜଣେ ତଟରକ୍ଷୀ ବାହିନୀ ଅଧିକାରୀ କହିଛନ୍ତି ଯେ ଡାକ୍ତରଖାନାକୁ ନିଆଯାଇଥିବା ଚାରି ଜଣଙ୍କ ମଧ୍ୟରେ ଏକ ଛୋଟ ପିଲା ମଧ୍ୟ ରହିଛି।

ୟୁକେ ଏୟାରବେସରୁ ଲଢୁଆ ବିମାନ ହଟାଇଲା ଆମେରିକା

ଲଣ୍ଡନ: ଇରାନ ପକ୍ଷରୁ କରାଯାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ଆମେରିକା ବ୍ରିଟେନରେ ଥିବା ଏହାର ସାମରିକ ଘାଟିରେ ସୁରକ୍ଷା ବୃଦ୍ଧି କରିବା ପାଇଁ ବିମାନ ସ୍ଥାନାନ୍ତର କରିବା ଆରମ୍ଭ କରିଛି। ଆମେରିକା ସେନା ବ୍ରିଟେନର ଆରଏଏଫ ମିଲଡେନହଲ ଏୟାରବେସରୁ ଅନେକ ସାମରିକ ବିମାନକୁ ଜର୍ମାନୀ ଏବଂ ଅନ୍ୟାନ୍ୟ ଘାଟିକୁ ସ୍ଥାନାନ୍ତର କରିଛି। କିଛି ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଥର ପାଇଁ ଆମେରିକା ସେନା ପକ୍ଷରୁ ବ୍ରିଟେନରେ ଥିବା ସାମରିକ ଏୟାରବେସରୁ ବିମାନ ସ୍ଥାନାନ୍ତର କରିବାକୁ ପଡିଛି। ଏହି ଅଞ୍ଚଳରେ ଇରାନ ଦ୍ୱାରା ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଇରାନର ଧମକ ପରେ ଏହି ନିଷ୍ପତ୍ତି ନିଆଯାଇଛି।

ବିଶ୍ୱ ଧନୀ ତାଲିକାରେ ୧୦ମ ସ୍ଥାନକୁ ଖସିଲେ ହୁଆଙ୍ଗ

ନୂଆଦିଲ୍ଲୀ: ଚୀନ ମହିଳାଙ୍କ ସହ ସମ୍ପର୍କ ଥିବା ଖବର ସାମ୍ନାକୁ ଆସିବା ପରେ ଏନ୍ଟିଡିଆ ସିଇଓ ଜେନସେନ୍ ହୁଆଙ୍ଗଙ୍କ ନିଟ୍ ସମ୍ପତ୍ତି ସୋମବାର ୭.୪ ବିଲିଅନ ଡଲାର ହ୍ରାସ ଘଟିଛି। ଏଥିଯୋଗୁ ତାଙ୍କର ନିଟ୍ ସମ୍ପତ୍ତି ୧୨୨.୨ ବ

ପଞ୍ଜାବ ଗଲେ ହାର୍ଦ୍ଦିକ, ମୁମ୍ବାଇକୁ ଆସିଲେ ଅର୍ଶଦୀପ



ମୁମ୍ବାଇ, ୧୦।୧୧(ଏଜେନ୍ସି): ଆଇପିଏଲ୍ ୨୦୨୬ରେ ହାର୍ଦ୍ଦିକ ପାଣ୍ଡ୍ୟା କେଉଁ ଦଳ ପକ୍ଷରୁ ଖେଳିବେ। କେଉଁ ଦଳ ଜର୍ସିରେ ଏହି ଷ୍ଟାର ଅଲରାଉଣ୍ଡର ନଜର ଆସିବେ। ଏସବୁ ପ୍ରଶ୍ନ ଏବଂ କଳ୍ପନା ଜଳ୍ପନା ଉପରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ପଞ୍ଜାବ କିଙ୍ଗ୍ସ ଜର୍ସିରେ ନଜର ଆସିବେ ହାର୍ଦ୍ଦିକ ପାଣ୍ଡ୍ୟା। ଏହି ଷ୍ଟାର ଅଲରାଉଣ୍ଡର ଏବଂ ତାରକା ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କ ଟ୍ରେଡ ଲଡିଲ୍ ଉପରେ ବାଜିଛି ମୋହର। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ଏହି ଟ୍ରେଡକୁ ଦେଇଛି ମଞ୍ଜୁରୀ। ଆଉ ଅର୍ଶଦୀପ ସିଂ ଆଗାମୀ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସର କରିବେ ପ୍ରତିନିଧିତ୍ୱ। ଆଉ ସବୁଠୁ ବଡ଼ କଥା ଏହି ଟ୍ରେଡ ଡିଲରେ ଦୁଇ ଖେଳାଳିଙ୍କ ପ୍ରାଇସରେ କୌଣସି ପରିବର୍ତ୍ତନ ଘଟିନି। ଗତ ବର୍ଷ ଦୁଇ ଖେଳାଳି ନିଜ ଫ୍ରାଞ୍ଚାଇଜରୁ ଯେଉଁ ଅର୍ଥରାଶି ପାଉଥିଲେ ସେହି ସମାନ ଅର୍ଥରାଶି ଏବେ ନୂଆ ଫ୍ରାଞ୍ଚାଇଜରୁ ପାଇବେ।

ମୁମ୍ବାଇ ଇଣ୍ଡିଆନ୍ସରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୬.୩୫ କୋଟି ଟଙ୍କା ମିଳୁଥିବା ବେଳେ ଅର୍ଶଦୀପ ସିଂଙ୍କୁ ୧୮ କୋଟି ଦେଉଥିଲା ପଞ୍ଜାବ କିଙ୍ଗ୍ସ। ଦୁଇ ଖେଳାଳିଙ୍କ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇ ନ ଥିବା କ୍ରିକବଜ ନିଜର ରିପୋର୍ଟରେ ବି ସ୍ପଷ୍ଟ କରିଛି। ତେବେ ଦୁଇ ଫ୍ରାଞ୍ଚାଇଜ ମଧ୍ୟରେ ଡକ୍ୟୁମେଣ୍ଟ ଜାରି ରହିଛି। ଖୁବ୍ ଶୀଘ୍ର ଏହାର ଆନୁଷ୍ଠାନିକ ଘୋଷଣା ହୋଇଯିବ। ସୂଚନାଯୋଗ୍ୟ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଟ୍ରେଡ ଡିଲ୍ ଦୀର୍ଘ ସମୟ ଧରି ଚର୍ଚ୍ଚାରେ ରହିଥିଲା। ତାଙ୍କର ଅଲଗା ଅଲଗା ଫ୍ରାଞ୍ଚାଇଜକୁ ଯିବା ନେଇ ଆକଳନ କରାଯାଉଥିଲା। ପ୍ରଥମେ ଚେନ୍ନାଇ ସୁପର କିଙ୍ଗ୍ସ ପାଣ୍ଡ୍ୟାଙ୍କୁ ନିଜ ଦଳରେ ସାମିଲ୍ କରିବା ନେଇ ଖବର ଆସିଥିଲା। ପୁଣି କୋଲକାତା ନାଇଟ୍ ରାଇଡର୍ସର ନାଁ ଏହି ଚର୍ଚ୍ଚାରେ ଯୋଡ଼ି ହୋଇ ଯାଇଥିଲା। ଶେଷରେ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଖେଳିବେ ହାର୍ଦ୍ଦିକ ପାଣ୍ଡ୍ୟା।

ହାର୍ଦ୍ଦିକ ଗତ ତିନୋଟି ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସର ଥିଲେ ଅଧିନାୟକ। ତାଙ୍କ ନେତୃତ୍ୱରେ ମୁମ୍ବାଇ ୨୦୨୪, ୨୦୨୫ ଏବଂ ୨୦୨୬ରେ ଲଗାତାର ନିମ୍ନମାନର ପ୍ରଦର୍ଶନ କରିଥିଲା। ଏହା ପରେ ଫ୍ରାଞ୍ଚାଇଜ ପାଣ୍ଡ୍ୟାଙ୍କୁ ଦଳରୁ ରିଲିଜ୍ କରିବାକୁ ନିଷ୍ପତ୍ତି ନେଇଥିଲା। ଏବେ ପାଣ୍ଡ୍ୟା ପଞ୍ଜାବ ଯିବା ପରେ ଦଳର ନେତୃତ୍ୱ ନେଇ ପାରନ୍ତି ୫ ଥର ଟାଇଟଲ୍ ଜିତାଇଥିବା ରୋହିତ ଶର୍ମା। ତେବେ ଏହି ପ୍ରଶ୍ନ ଉଙ୍କି ମାରୁଛି ଯେ, ଏହି ଟ୍ରେଡ ଡିଲରେ କେଉଁ ଦଳକୁ ଅଧିକ ଫାଇଦା ମିଳିବ। ଅର୍ଶଦୀପ ସିଂ ଆସିବାରୁ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ ଆହୁରି ମଜବୁତ ହେବ। ବୁମରାଙ୍କୁ ସହାୟତା ଦେବା ପାଇଁ ଅର୍ଶଦୀପଙ୍କ ପରି ବାମହାତୀ ବୋଲର ବେଶ ଉପଯୋଗୀ ହେବେ। ଅନ୍ୟପଟେ ହାର୍ଦ୍ଦିକ ପଞ୍ଜାବ କିଙ୍ଗ୍ସ ଯିବାରୁ ଦଳରେ ଦ୍ରୁତ ବୋଲର ଅଲରାଉଣ୍ଡର ଭରପୂର ହୋଇଯିବ। ପୂର୍ବରୁ ଦଳ ପାଖରେ ଦ୍ରୁତ ବୋଲର ଅଲରାଉଣ୍ଡର୍ସ ଭାବେ ସୂର୍ଯ୍ୟାଂଶ ଶେଡ଼ଗେ, ମାର୍କୋ ଜନସେନ ଓ ମାର୍କସ ଷ୍ଟୋଇନିସଙ୍କ ପରି ଖେଳାଳି ଅଛନ୍ତି। ପଞ୍ଜାବ ପାଇଁ ଏହା ଚିନ୍ତାର ବିଷୟ ହୋଇପାରେ ଯେ, ଏକ ସଙ ଏତେ ଅଲରାଉଣ୍ଡରଙ୍କୁ କେମିତି ଖେଳାଇବ।

ଏସିଆନ୍ ମଡର୍ଣ୍ଣ ପେଣ୍ଟାଥଲନ୍ ଚାମ୍ପିଅନସିପ୍

ଭାରତୀୟ ଦଳରେ ଓଡ଼ିଶାର ୭ ଖେଳାଳି

ଭୁବନେଶ୍ୱର,୧୧।୧୦(ସବ୍ୟୁ): ଅନ୍ତର୍ଜାତୀୟ କ୍ରୀଡ଼ା ମଞ୍ଚରେ ଓଡ଼ିଶା ପାଇଁ ଆଉ ଏକ ଗୌରବର ସୁଯୋଗ ଆସିଛି। ଏସିଆନ୍ ମଡର୍ଣ୍ଣ ପେଣ୍ଟାଥଲନ୍ ଚାମ୍ପିଅନସିପ୍ରେ ଭାରତୀୟ ଦଳରେ ଓଡ଼ିଶାର ୭ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ନଭେମ୍ବର ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ୟୁଏଇରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ଚାମ୍ପିଅନସିପରେ ବାୟଥଲେ, ଟ୍ରାଇଥଲେ ଓ ଲେଜର ରନ୍ ଭଳି ବିଭାଗରେ ଖେଳାଳିମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ଭାରତୀୟ ଦଳରେ ମନୋନୀତ ହୋଇଥିବା ଓଡ଼ିଶାର ଖେଳାଳିମାନେ ହେଲେ ପ୍ରବୀଣ ଦାସ, ମହେନ୍ଦ୍ର ଅମନ, ଅମୟ କୁମାର ପ୍ରଧାନ, ଆର୍ଯ୍ୟ ତ୍ରିବିକ୍ରମ ସ୍ୱାଇଁ, ବେଦାଂଶ ବେଦ ପଣ୍ଡା, ରାଜେଶ୍ୱର ସୂର୍ଯ୍ୟବଂଶୀ ମହାପାତ୍ର ଓ ପୂଜା ବେହେରା। ଏମ୍.ଡି. ଆଜମ୍ ଦଳର କୋର୍ ଭାବେ ଦାୟିତ୍ୱ ତୁଲାଇବେ। ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡ଼ିଶାର ଖେଳାଳିମାନେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଯାତ୍ରା କରିଛନ୍ତି। ଏହି ସଫଳତା ପାଇଁ ଓଡ଼ିଶାର ବିଭିନ୍ନ ମହଲରୁ ଖେଳାଳିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ପୂର୍ବତନ ଲୋକସଭା ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଡ. ସାରଦା ପ୍ରସାଦ ମିଶ୍ର, ବାସୁଦେବ ଓଝା, ରଞ୍ଜନ କୁମାର ନନ୍ଦ, କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍ର ସାଧାରଣ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିବାରୁ ଖେଳାଳିମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଖେଳାଳିମାନଙ୍କ ଏହି ମନୋନୟନ ଓଡ଼ିଶାରେ ମଡର୍ଣ୍ଣ ପେଣ୍ଟାଥଲନ୍ କ୍ରୀଡ଼ାର ବିକାଶ ଏବଂ ଖେଳାଳିଙ୍କ ବଢୁଥିବା ଦକ୍ଷତାର ପରିଚୟ ଦେଉଛି।



୨୦୨୯ ଏସୀୟ ଦୌଡ଼କୁଦ ଚାମ୍ପିଅନସିପ୍ ଆୟୋଜନ କରିବ ଚେନ୍ନାଇ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): ଅନ୍ତର୍ଜାତୀୟ ଦୌଡ଼କୁଦ କ୍ରୀଡ଼ା ଆୟୋଜନ କ୍ଷେତ୍ରରେ ଭାରତର ଗୁରୁତ୍ୱ ବଢ଼ିବାକୁ ଯାଉଛି। ୨୦୨୯ ଏସୀୟ ଦୌଡ଼କୁଦ ଚାମ୍ପିୟନସିପ୍ ଆୟୋଜନ କରିବା ପାଇଁ ତାମିଲନାଡୁର ଚେନ୍ନାଇକୁ ଚୟନ କରିବାକୁ ଏସୀୟ ଦୌଡ଼କୁଦ ସଂଘ (ଏଏଏ) ନିଷ୍ପତ୍ତି ନେଇଛି। ତେବେ ଏଥିପାଇଁ ରାଜ୍ୟ ସରକାରଙ୍କ ଆର୍ଥିକ ଓ ଅନ୍ୟାନ୍ୟ ଆବଶ୍ୟକ ଗ୍ୟାରେଣ୍ଟି ପ୍ରଦାନ କରିବା ସର୍ତ୍ତ ରହିଛି। ଏହି ଔପଚାରିକତା ପୂରଣ ହେବା ପରେ ଚେନ୍ନାଇକୁ ଆନୁଷ୍ଠାନିକ ଭାବେ ଆୟୋଜକ ସହର ଘୋଷଣା କରାଯିବ। ମଙ୍ଗଳବାର ଜାପାନର ଟୋକିଓଠାରେ ଏସୀୟ ଦୌଡ଼କୁଦ ସଂଘର ୧୦୭ତମ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୨୦୨୯ ସଂସ୍କରଣର ଆୟୋଜନ ଅଧିକାରକୁ ନେଇ ଆଲୋଚନା ହୋଇଥିଲା। ଚେନ୍ନାଇ ପକ୍ଷରୁ ଦାଖଲ କରାଯାଇଥିବା ପ୍ରସ୍ତାବ ଓ ଉପସ୍ଥାପନାକୁ ସକାରାତ୍ମକ ଭାବେ ବିଚାର କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ଆବଶ୍ୟକ ଆର୍ଥିକ ପ୍ରତିଶ୍ରୁତି ଓ ଅନ୍ୟାନ୍ୟ ଗ୍ୟାରେଣ୍ଟି ମିଳିବା ପରେ ଚୂଡ଼ାନ୍ତ ଘୋଷଣା ହେବ। ତାମିଲନାଡୁ ଦୌଡ଼କୁଦ ସଂଘର ଅଧିକାରୀ ସି. ଲତା ଟୋକିଓରୁ ପିଟିଆଇକୁ କହିଛନ୍ତି ଯେ, ଭାରତ ପକ୍ଷରୁ ଆୟୋଜନ ସମ୍ପର୍କିତ ଉପସ୍ଥାପନା କରାଯାଇଛି। ଏସୀୟ ଦୌଡ଼କୁଦ ସଂଘ ରାଜ୍ୟ ସରକାରଙ୍କ ଆର୍ଥିକ ଓ ଅନ୍ୟାନ୍ୟ ଗ୍ୟାରେଣ୍ଟି ମାଗିଛି। ଏହା ଦାଖଲ ହେବା ପରେ ଚେନ୍ନାଇକୁ ୨୦୨୯ ଏସୀୟ ଚାମ୍ପିୟନସିପ୍ ଆୟୋଜନ ଅଧିକାର ମିଳିବ। ବୁଧବାର ସୁଦ୍ଧା ଏହି ଗ୍ୟାରେଣ୍ଟି ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବିଶ୍ୱ ଦୌଡ଼କୁଦ ସଂଘର ଉପସଭାପତି ତଥା ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍ଆଇ)ର ମୁଖପାତ୍ର ଆଦିଲ ସୁମାରିୱାଲା ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ସେ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଗ୍ୟାରେଣ୍ଟି ପତ୍ର ଦାଖଲ ହେବା ପରେ ଏସୀୟ ଦୌଡ଼କୁଦ ସଂଘ ଚେନ୍ନାଇକୁ ଆୟୋଜନ ଅଧିକାର ପ୍ରଦାନ କରିବ।

ତୃତୀୟ ଥର ପାଇଁ ଭାରତରେ ଆୟୋଜନ:

୨୦୨୯ ଏସୀୟ ଦୌଡ଼କୁଦ ଚାମ୍ପିୟନସିପ୍ ହେବ ଏହି ପ୍ରତିଯୋଗିତାର ୨୮ତମ ସଂସ୍କରଣ। ଏହା ଦ୍ୱିବାର୍ଷିକ ଭିତ୍ତିରେ ଆୟୋଜିତ ହୋଇଥାଏ। ଭାରତ ଏହା ପୂର୍ବରୁ ଦୁଇଥର ଏହି ମହାଦେଶୀୟ ପ୍ରତିଯୋଗିତା ଆୟୋଜନ କରିଛି। ୨୦୧୩ରେ ମହାରାଷ୍ଟ୍ରର ପୁଣେଠାରେ ୨୦ତମ ଏସୀୟ ଦୌଡ଼କୁଦ ଚାମ୍ପିୟନସିପ୍ ଆୟୋଜିତ ହୋଇଥିଲା। ଏହାପରେ ୨୦୧୭ରେ ଓଡ଼ିଶାର ଭୁବନେଶ୍ୱରରେ ୨୨ତମ ସଂସ୍କରଣ ଆୟୋଜିତ ହୋଇଥିଲା। କଳିଙ୍ଗ ଷ୍ଟାଡିୟମ୍ରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଭାରତ ମୋଟ ୨୯ଟି ପଦକ ଜିତିଥିଲା। ଏଥିରେ ୧୨ଟି



ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ ପଦକ ରହିଥିଲା। ଏହା ଭାରତର ଏସୀୟ ଚାମ୍ପିୟନସିପ୍ ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏପରିକି ଭାରତ ପଦକ ତାଲିକାର ଶୀର୍ଷରେ ରହିଥିଲା। ୨୦୧୩ର ପୁଣେ ସଂସ୍କରଣରେ ଭାରତ ୧୬ଟି ପଦକ ଜିତିଥିଲା। ଏଥିରେ ୨ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୯ଟି ବ୍ରୋଞ୍ଜ ରହିଥିଲା। ଏହି ଦୁଇଟି ଆୟୋଜନ ଭାରତରେ ଦୌଡ଼କୁଦ କ୍ରୀଡ଼ାର ବିକାଶ ଓ ଅନ୍ତର୍ଜାତୀୟ ଆୟୋଜନ କ୍ଷମତାକୁ ପ୍ରଦର୍ଶିତ କରିଥିଲା।

ଆଗାମୀ ଦିନରେ ଭାରତରେ ଅନେକ ବଡ଼ ପ୍ରତିଯୋଗିତା ଆଗାମୀ କିଛି ବର୍ଷ ଭାରତୀୟ ଦୌଡ଼କୁଦ କ୍ରୀଡ଼ା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। ୨୦୨୭ ଅଗଷ୍ଟରେ ଚଣ୍ଡିଗଡ଼ରେ ଏସୀୟ ରିଲେ ଚାମ୍ପିୟନସିପ୍ ଆୟୋଜିତ ହେବ। ଏହାପରେ ୨୦୨୮ରେ ଭୁବନେଶ୍ୱରରେ ଏସୀୟ ଇନଡୋର ଦୌଡ଼କୁଦ ଚାମ୍ପିୟନସିପ୍ ଓ ବିଶ୍ୱ ଇନଡୋର ଦୌଡ଼କୁଦ ଚାମ୍ପିୟନସିପ୍ ଆୟୋଜନ ହେବାକୁ ଯାଉଛି। ଏହା ସହିତ ୨୦୨୮ରେ ଅହମ୍ମଦାବାଦରେ ବିଶ୍ୱ ୨୦ ବର୍ଷରୁ କମ୍ ଦୌଡ଼କୁଦ ଚାମ୍ପିୟନସିପ୍ ଆୟୋଜନ ପାଇଁ ମଧ୍ୟ ଭାରତ ଆଗ୍ରହ ପ୍ରକାଶ କରିଛି। ଏହି ପ୍ରତିଯୋଗିତାଗୁଡ଼ିକ ଭାରତୀୟ ଖେଳାଳିଙ୍କୁ ନିଜ ଦେଶରେ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଖେଳିବାର ସୁଯୋଗ ଦେବ। ଏଥିସହ ଦେଶରେ ଦୌଡ଼କୁଦ ପ୍ରତି ଆଗ୍ରହ ବଢ଼ାଇବା, ନୂଆ ପ୍ରତିଭା ସୃଷ୍ଟି କରିବା ଓ ଆୟୋଜନ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

ଭୁବନେଶ୍ୱର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସମୟ : ଚେନ୍ନାଇରେ ୨୦୨୯ ଏସୀୟ ଦୌଡ଼କୁଦ ଚାମ୍ପିୟନସିପ୍ ଆୟୋଜନ ପ୍ରସ୍ତାବ ମଧ୍ୟରେ ଭୁବନେଶ୍ୱରର ଭୂମିକା ମଧ୍ୟ ଗୁରୁତ୍ୱ ବହନ କରୁଛି। ୨୦୧୭ରେ ସଫଳ ଏସୀୟ ଚାମ୍ପିୟନସିପ୍ ଆୟୋଜନ ପରେ ଓଡ଼ିଶା ଦେଶର ଏକ ପ୍ରମୁଖ କ୍ରୀଡ଼ା ଆୟୋଜନ କେନ୍ଦ୍ର ଭାବେ ପରିଚିତ ହୋଇଛି। ୨୦୨୮ରେ ଏସୀୟ ଇନଡୋର ଓ ବିଶ୍ୱ ଇନଡୋର ଚାମ୍ପିୟନସିପ୍ ଆୟୋଜନ ଭୁବନେଶ୍ୱରର ଏହି ପରିଚୟକୁ ଆହୁରି ମଜବୁତ କରିବ। ସାମଗ୍ରିକ ଭାବେ ଚେନ୍ନାଇକୁ ୨୦୨୯ ଏସୀୟ ଦୌଡ଼କୁଦ ଚାମ୍ପିୟନସିପ୍ ଆୟୋଜନ ଅଧିକାର ମିଳିବା ଭାରତୀୟ କ୍ରୀଡ଼ା ପାଇଁ ଏକ ବଡ଼ ସୁଯୋଗ। ତେବେ ରାଜ୍ୟ ସରକାରଙ୍କ ଗ୍ୟାରେଣ୍ଟି ପ୍ରଦାନ ପରେ ହିଁ ଏହାର ଚୂଡ଼ାନ୍ତ ଘୋଷଣା ହେବ।

ବାପାଙ୍କ ରେକର୍ଡକୁ ମନେ ପକାଇଲେ ଆର୍ଯ୍ୟବୀର ଏସିଆ କପ୍ ସେମିରେ ଭାରତ

ନୂଆଦିଲ୍ଲୀ,୧୦।୧୧(ଏଜେନ୍ସି): କ୍ରିକେଟରେ ବାପାଙ୍କ ଭଳି ଆକ୍ରମଣାତ୍ମକ ଖେଳର ଝଲକ ଦେଖାଇଛନ୍ତି ବୀରେନ୍ଦ୍ର ସେହୱାଗଙ୍କ ପୁଅ ଆର୍ଯ୍ୟବୀର ସେହୱାଗ। ଅଣ୍ଡର-୧୯ ଏସିଆ କପରେ ୟୁଏଇ ବିପକ୍ଷରେ ୧୬୦ ରନର ଚମତ୍କାର ଇନିଂସ୍ ଖେଳି ଭାରତକୁ ସେମିଫାଇନାଲରେ ପହଞ୍ଚାଇଛନ୍ତି ଏହି ଯୁବ ବ୍ୟାଟର୍। ମଙ୍ଗଳବାର ଓମାନର ଅଲ୍ ଆମିରେଟ୍ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆର୍ଯ୍ୟବୀର ୧୬୮ଟି ବଲରୁ ୧୬୦ ରନ୍ ସଂଗ୍ରହ କରିଥିଲେ। ତାଙ୍କ ଇନିଂସରେ ୧୭ଟି ଚୌକା ଓ ୭ଟି ଛକା ସାମିଲ ଥିଲା। ଏହା ଯୁବ ଦିନିକିଆ କ୍ରିକେଟରେ ତାଙ୍କର ପ୍ରଥମ ଶତକ। ଏହି ଇନିଂସ୍ ସହ ସେ ଚଳିତ ପ୍ରତିଯୋଗିତାର ସର୍ବାଧିକ ବ୍ୟକ୍ତିଗତ ସ୍କୋର ମଧ୍ୟ ହାସଲ କରିଛନ୍ତି। ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ୱିକେଟ୍ ହରାଇ ୩୦୯ ରନ୍ କରିଥିଲା। ଆର୍ଯ୍ୟବୀରଙ୍କ ବ୍ୟତୀତ ଭି.କେ. ବିନୀତ ୬୭ ରନର ଉପଯୋଗୀ ଇନିଂସ୍ ଖେଳିଥିଲେ। ରାହୁଲ ଦ୍ରାବିଡ଼ଙ୍କ ପୁଅ ଅନ୍ୱୟ ଦ୍ରାବିଡ଼ ୯ଟି ବଲ୍ରୁ ୧୨ ରନ୍ କରିଥିଲେ। ଜବାବରେ ୟୁଏଇ ଦଳ ୨୩୯ ରନରେ ଅଲ୍ଆଉଟ୍ ହୋଇଥିଲା। ଫଳରେ ଭାରତ ୭୦ ରନ୍ରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ୟୁଏଇ ପକ୍ଷରୁ ଅହମ୍ମଦ ଖୁଦାବାଦ ୭୪ ରନ୍ କରିଥିଲେ। ପୂର୍ବରୁ ନେପାଳ ବିପକ୍ଷରେ ଆର୍ଯ୍ୟବୀର ଅପରାଜିତ ୭୦ ରନ୍ କରିଥିବାବେଳେ ପାକିସ୍ତାନ ବିପକ୍ଷରେ ୨୨ ରନ୍ କରିଥିଲେ। ପାକିସ୍ତାନଠାରୁ ପରାଜୟ ପରେ ୟୁଏଇ ବିପକ୍ଷ ମ୍ୟାଚ୍ ଭାରତ ପାଇଁ ନିର୍ଣ୍ଣାୟକ ଥିଲା। ଏହି ମ୍ୟାଚ୍ରେ ଆର୍ଯ୍ୟବୀରଙ୍କ ଶତକ ଦଳକୁ ଗୁରୁତ୍ୱପୂର୍ଣ୍ଣ ବିଜୟ ଦେଇଛି। ଆର୍ଯ୍ୟବୀର ନିଜ ବ୍ୟାଟିଂରେ ବାପା ବୀରେନ୍ଦ୍ର ସେହୱାଗଙ୍କ ଆକ୍ରମଣାତ୍ମକ ଶୈଳୀ ସହ ବିରାଟ କୋହଲିଙ୍କ ଖେଳରୁ ମଧ୍ୟ ପ୍ରେରଣା ନେଉଥିବା କହିଛନ୍ତି। ଭାରତ ଏବେ ସେମିଫାଇନାଲରେ ଆଫଗାନିସ୍ତାନକୁ ଭେଟିବ।

ନେତାଜୀ କପ ଫୁଟବଲ : ଏନଏସି ଚାନ୍ଦବାଲି ଚାମ୍ପିଅନ

ରାଜକନିକା, ୧୦।୧୧(ସବ୍ୟୁ) : ରାଜକନିକା ବ୍ଲକ ତରାସ ସ୍ଥିତ ନେତାଜୀ ମିନି ଷ୍ଟାଡିୟମରେ ଚାଲିଥିବା ୩୫ ତମ ନେତାଜୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆୟୋଜକ ନେତାଜୀ କ୍ଲବ ତରାସ, ଓ ଏନ.ଏ.ସି ଚାନ୍ଦବାଲି ମଧ୍ୟରେ ହୋଇଥିଲା, ଏଥିରେ ଏନ.ଏ.ସି ଚାନ୍ଦବାଲି ୧-୦ ଗୋଲ ରେ ନେତାଜୀ କ୍ଲବ ତରାସକୁ ହରାଇ ଚାମ୍ପିଅନ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଭାଗ ନେଇଥିବା ୮ ଗୋଟି ଦଳ ମଧ୍ୟରେ ବହୁ ଚିତ୍ତାକର୍ଷକ ପ୍ରଦର୍ଶନରେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ସମାପନ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିନେ ତାରକା ମନୋଜ ମିଶ୍ର, ସମ୍ମାନିତ ଅତିଥି ଭାବେ ଅସ୍ଥି ସଲ୍ୟ ବିଭାଗ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର ରାଉତ ଓ ଡାକ୍ତର ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । କ୍ଲବର୍ ସଭାପତି ବନଜ କୁମାର ବାରିକଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭା ରେ ପ୍ରାକ୍ତନ ସଭାପତି ବିରଜା ପ୍ରସନ୍ନ ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଶୁଭ୍ରଜିତ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ମତୋ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଶିବ ପ୍ରସାଦ ମଲ୍ଲିକ ପୁରସ୍କାର ବିତରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ । ସୁବ୍ରତ ପୁରୋହିତ ଖେଳ ପରିଚାଳନା କରିଥିା ବେଳେ ସେକ ସଲିମ, ପ୍ରଶାନ୍ତ ପାଲ, ସେକ ରିଆଜ, ସଞ୍ଜୟ ନାୟକ ତାଙ୍କୁ ସହଯୋଗ



କରିଥିଲେ, ନେତାଜୀ କ୍ଲବର ସଭ୍ୟଙ୍କସିଦ୍ଧ ନାୟକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ବିଜେତା ଦଳର ପାପୁନ ନାୟକଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା, ପ୍ରିତମ ସାହୁ, ଦେବଜ୍ୟୋତି ଜେନାଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଯେକିଣ୍ଡ ଖବରକାଗଜ ଜଗତରେ ବ୍ୟାପିଯାଏ / ଶୁଭାଙ୍ଗିଡି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ସୁଆଡାର ଫୋନ୍ ଆଜ ଜରି ଦେଇ ଯୋଗାଯୋଗ କରିପାରିବେ । ଫୋନ୍ ଯେ, ଯେତିଏମ୍, ସୁଲୁରୁ ଯେ, ଭାରତ ଯେ ଇତ୍ୟାଦିରେ ଦେୟ ଯୋଗ କରି ଦେୟ ଚରିହନ୍ତୁ ବିଜ୍ଞାପନ